

ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବାତ୍ୟାରେ ମୃତକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା
### ୨୫ ପରିବାର ଲାଗି ୧ କୋଟି ଟଙ୍କା

**ପୁରୀ ଅଫିସ, ୧୯।୫:** ପୁରୀ ଜିଲାରେ ବାତ୍ୟାରେ ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ଜଣେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯିବ। ଜିଲାର ୨୫ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ପ୍ରଦାନ କରିବା ଲାଗି ରବିବାର ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଛି। ସେମାନେ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ବାତ୍ୟାରେ ନିମାପଡ଼ା, ସତ୍ୟବାଦୀ, ବ୍ରହ୍ମଗିରି ବ୍ଲକରେ ୪ ଜଣ ଲେଖାଏ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ପୁରୀ, ପିପିଲି ଓ ଡେଲାଙ୍ଗରେ ୩ ଜଣ ଲେଖାଏ, ଗୋପ ୨, କଣାସ ଏବଂ କୃଷ୍ଣପ୍ରସାଦରେ ଜଣେ ଲେଖାଏ ବ୍ୟକ୍ତିଙ୍କ ବାତ୍ୟାରେ ମୃତ୍ୟୁ ହୋଇଛି। ପ୍ରତ୍ୟେକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କ ପାଖକୁ ଟଙ୍କା ପଠାଇ ଦିଆଯାଇଛି।

### କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୧୯।୫(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଡେଲାଙ୍ଗ ବ୍ଲକ ଅଞ୍ଚଳରେ ରବିବାର କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଣରା ପଞ୍ଚାୟତ ଦେପୁର ପାଣି ସାହିର ଜ୍ୟୋତ୍ସ୍ନାରାଣୀ ଦାସ(୪୫)। ବାତ୍ୟାରେ ଜ୍ୟୋତ୍ସ୍ନାଙ୍କର ଘରର ଚାଳଛପର ଉଡିଯାଇ ଦୁର୍ବଳ ଅବସ୍ଥାରେ ରହିଥିବା କାନ୍ଥଟି ତାଙ୍କ ଉପରେ ପଡ଼ି ଯାଇଥିଲା। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# କାଗଜକଲମରେ ଚାଲିଛି ଜେରିଆଟ୍ରିକ୍ ବିଭାଗ

**ଏସ୍‌ସିବି ମେଡିକାଲ**
- ଆଉଟଡୋର ଚାଲିଛି, ଇନ୍‌ଡୋର ନାହିଁ
- ସଚିବଙ୍କ ଉଚ୍ଚସ୍ତରୀୟ ସମୀକ୍ଷା



କଟକ ଅଫିସ, ୧୯।୫

ଏସ୍‌ସିବି ମେଡିକାଲର ଜେରିଆଟ୍ରିକ୍ ବିଭାଗକୁ ନେଇ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଜେରିଆଟ୍ରିକ୍ ବିଭାଗ କହିଲେ କିଛି ନାହିଁ। ତତ୍କାଳୀନ ଏସ୍‌ସିବି ଅଧୀକ୍ଷକ ୨୦୧୨ ଅଗଷ୍ଟ ୨ ତାରିଖରେ ଏହି ବିଭାଗକୁ ବନ୍ଦ କରିବା ପାଇଁ ଏକ ଆଦେଶ ଜାରି କରିଥିଲେ। ଏପରି କି ଉକ୍ତ ବିଭାଗ ରୁମ୍‌କୁ ତାଲା ପକାଇ ତାହାର ଚାବି ମେଡିକାଲ ସେଣ୍ଟ୍ରାଲ ଷ୍ଟୋରର ଟେକ୍ନିକାଲ ଷ୍ଟୋର କିପରଙ୍କୁ ଦେବା ପାଇଁ ଆଦେଶରେ ଉଲ୍ଲେଖ କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ବିଭାଗ ଏକପ୍ରକାର ବନ୍ଦ ହୋଇଯିବା ପରେ ୨୦୧୬ରେ କେନ୍ଦ୍ର ସରକାର ଏହାକୁ ଆଞ୍ଚଳିକ ଜରାରୋଗ କେନ୍ଦ୍ର ବା ରିଜିଓନାଲ ଜେରିଆଟ୍ରିକ୍ ସେଣ୍ଟର ଭାବେ ଘୋଷଣା କରିବାକୁ ଏସ୍‌ସିବି ମେଡିକାଲ କଲେଜକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଏହି କେନ୍ଦ୍ର ପାଇଁ ଠିକା ଭିତ୍ତିରେ ମାନବସମ୍ବଳ ଯୋଗାଇଦେବା ସହିତ ଉକ୍ତ ବିଭାଗରେ ୨ଟି ପିଜି ସିଟ୍ ଖୋଲିବା ପାଇଁ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦେଶ ଥିଲା। ଏହାପରେ ୨୦୧୬ ମାର୍ଚ୍ଚ ୪ ତାରିଖରେ ଏସ୍‌ସିବି ଅଧୀକ୍ଷକଙ୍କ ଚାମ୍ବରରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ମେଡିସିନ ବିଭାଗର ତଳ ମହଲାରେ ଏହି ୱାର୍ଡଟି ଖୋଲାଯିବ। ମାତ୍ର ତାହା କାର୍ଯ୍ୟକାରୀ ହୋଇ ନ ଥିଲା। କାରଣ ଏମ୍‌ସିଆଇ ପକ୍ଷରୁ ଜେରିଆଟ୍ରିକ ବିଭାଗକୁ ନେଇ ଆପତ୍ତି ଉଠାଯାଇଥିଲା। ଜେରିଆଟ୍ରିକ୍ ମେଡିସିନ ବିଭାଗ ଚଳାଉଥିବା ଡାକ୍ତରମାନେ ଏକ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଉକ୍ତ ଡିଗ୍ରୀ ହାସଲ କରିଛନ୍ତି। ତେଣୁ ଏହା ବେଆଇନ ଓ ଏମ୍‌ସିଆଇ ଆଇନ ୧୯୫୬ର ଧାରା ୧୦କୁ ବିରୋଧାଚରଣ କରୁଛି। ଏଭଳି ସ୍ଥିତିରେ ଉକ୍ତ ବିଭାଗଟି କେବଳ କାଗଜକଲମରେ ଚାଲିଥିବାବେଳେ ସପ୍ତାହକୁ ୩ ଦିନ ଏହାର ଆଉଟଡୋର ହେଉଛି। ମାତ୍ର ୨୦୧୨ରୁ ଜେରିଆଟ୍ରିକ୍ ବିଭାଗର ଇନ୍‌ଡୋର ତାଲା ପଡ଼ିଥିବା ଜଣାପଡ଼ିଛି। ଇତିମଧ୍ୟରେ ଉକ୍ତ ବିଭାଗର ମୁଖ୍ୟ ପ୍ରଫେସର ଡା. ଡି.ଏନ୍. ମହାରଣା ମାନବ ସମ୍ବଳ ନ ଯୋଗାଇଦେଲେ ଉକ୍ତ ବିଭାଗର ଆଉଟଡୋରକୁ ଚଳାଇବା ସମ୍ଭବ ନୁହେଁ ବୋଲି ଚିଠି ଲେଖିବା ପରେ ଏହାକୁ ନେଇ ବିବାଦ ଉପୁଜିଥିଲା। ଫଳରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ ଜେରିଆଟ୍ରିକ୍ ବିଭାଗକୁ ନେଇ ଗତ ଶନିବାର ସଚିବାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଉକ୍ତ ବିଭାଗକୁ କିଭଳି ପୁନଃ କାର୍ଯ୍ୟକ୍ଷମ କରାଯାଇ ୨ଟି ପିଜି ସିଟ୍ ଖୋଲାଯିବ ସେ ନେଇ ବ୍ୟବସ୍ଥା କରାଯାଉଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି।

ସୂଚନାଥାଉ କି, ୨୦୦୪ରେ ଏସ୍‌ସିବି ମେଡିକାଲରେ କେନ୍ଦ୍ରୀୟ ଅନୁଦାନରେ ଜେରିଆଟ୍ରିକ୍ ଆଉଟଡୋର ବିଭାଗ ଖୋଲିଥିଲା। ଗୁରୁବାର, ଶୁକ୍ରବାର, ଶନିବାର ତିନିଦିନ ଧରି ଏହି ଆଉଟଡୋର ଚାଲିବା ପରେ ରାଜ୍ୟ ସରକାର ୨୦୦୯ ଜୁଲାଇ ୧୬ ତାରିଖରେ ଏସ୍‌ସିବିରେ ଜେରିଆଟ୍ରିକ୍ ବିଭାଗ ଖୋଲିଥିଲେ। ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣାଙ୍କୁ ଉକ୍ତ ବିଭାଗର ମୁଖ୍ୟ ଭାବେ ସରକାର ନିଯୁକ୍ତି ଦେଇଥିଲେ। ଏହାପରେ ସରକାରଙ୍କ ପକ୍ଷରୁ ଏସ୍‌ସିବି ଅଧୀକ୍ଷକଙ୍କୁ ଉକ୍ତ ବିଭାଗ ପାଇଁ ବେଡ୍ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ତଦନୁଯାୟୀ ଏସ୍‌ସିବି ଅଧୀକ୍ଷକ ଜେରିଆଟ୍ରିକ୍ ବିଭାଗ ନିମନ୍ତେ ବ୍ଲଡ୍ ବ୍ୟାଙ୍କ ତଳ ମହଲାରେ ୧୦ ବେଡ୍ ବିଶିଷ୍ଟ ଏକ ୱାର୍ଡ ଖୋଲିଥିଲେ। ମାତ୍ର ଏବେ ଏହି ବିଭାଗ ଅଚଳାବସ୍ଥାକୁ ଆସିଛି। ବିଭାଗୀୟ ମୁଖ୍ୟ ପ୍ରଫେସର ମହାରଣା ଏସ୍‌ସିବି ଅଧୀକ୍ଷକଙ୍କୁ ସୋମବାର ଲେଖିଥିବା ଏକ ଚିଠିକୁ ଦେଖିଲେ ସେ ଏହି ବିଭାଗ ଚଳାଇବା ପାଇଁ ନିଜର ଅସହାୟତା ପ୍ରକାଶ କରିଛନ୍ତି। କାରଣ ଜେରିଆଟ୍ରିକ ବିଭାଗ ଓ ଆଉଟଡୋର ଚଳାଇବା ପାଇଁ ଷ୍ଟାଫ ନର୍ସ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହିତ କନିଷ୍ଠ ଡାକ୍ତରଙ୍କ ଘୋର ଅଭାବ ରହିଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କ ସିଧାସଳଖ ଚିକିତ୍ସା ସୁବିଧା ପାଇଁ ଜେରିଆଟ୍ରିକ୍ ୱାର୍ଡ ସୃଷ୍ଟି କରାଯାଇଥିଲା। କାରଣ ୬୦ ବର୍ଷ ପରେ ବୟସ୍କ ବ୍ୟକ୍ତି ବିଭିନ୍ନ ରୋଗରେ ପୀଡ଼ିତ ହୋଇଥାନ୍ତି। ତେଣୁ ଏହି ରୋଗୀମାନଙ୍କୁ ଗୋଟିଏ ବିଭାଗ ଅଧୀନରେ ଚିକିତ୍ସା କରିବା ପାଇଁ ଏସ୍‌ସିବି ମେଡିକାଲରେ ଜେରିଆଟ୍ରିକ୍ ୱାର୍ଡ ଖୋଲାଯାଇଥିଲା। ସପ୍ତାହରେ ୩ ଦିନ ଖୋଲୁଥିବା ପ୍ରତି ଆଉଟଡୋରକୁ ପାଖାପାଖି ୧୦୦ ଜଣ ରୋଗୀ ଆସୁଥିଲେ। ମାତ୍ର ତଥ୍ୟ ଅନୁଯାୟୀ ୩ ବର୍ଷ ଧରି ଏହି ବିଭାଗର ଇନ୍‌ଡୋର କାର୍ଯ୍ୟ କରିବା ପରେ ମଧ୍ୟ ଇନଡୋରକୁ ମାତ୍ର ୧୬ ଜଣ ରୋଗୀ ଆଡମିଶନ ହୋଇଥିବା ଜଣାପଡ଼ିଛି। ସମଗ୍ର ଦେଶରେ ଏସ୍‌ସିବିକୁ ମିଶାଇଲେ ମାତ୍ର ୧୦ଟି ଜେରିଆଟ୍ରିକ୍ କେନ୍ଦ୍ର କାର୍ଯ୍ୟ କରୁଛି। ଇତିମଧ୍ୟରେ ମାନବ ସମ୍ବଳର ଘୋର ଅଭାବ ଯୋଗୁ ଏହି ବିଭାଗରେ ଏବେ ଅଚଳାବସ୍ଥା ଉପୁଜିଛି। ଅନ୍ୟପକ୍ଷରେ ମାନବ ସମ୍ବଳକୁ ଦେଖିଲେ ଏସ୍‌ସିବିରେ କେବଳ ଗ୍ରୁପ-ଡି କର୍ମଚାରୀଙ୍କ ପାଇଁ ୧୧୦୯ଟି ପଦବୀ ମଞ୍ଜୁରପ୍ରାପ୍ତ ଥିବାବେଳେ ମାତ୍ର ୫୧୩ ଜଣ କାର୍ଯ୍ୟ କରୁଛନ୍ତି। ଅଦ୍ୟାବଧି ୫୯୬ଟି ପଦବୀ ଫାଙ୍କା ପଡ଼ିଛି। ମୁଖ୍ୟ କଥା ହେଉଛି ୧୯୭୦ରେ ଏସ୍‌ସିବିର ବେଡ୍ କ୍ଷମତାକୁ ନେଇ ଯେଉଁ ମାନବ ସମ୍ବଳ ସୃଷ୍ଟି କରାଯାଇଥିଲା ସେଥିରେ ପରିବର୍ତ୍ତନ କରାଯାଇନାହିଁ।



# ସୁବ୍ରତ ଦାସଙ୍କୁ ସପ୍ତଦଶ ନାରଦ ସମ୍ମାନ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ରବିବାର ଇଡକଲ ଅଡିଟୋରିୟମରେ ନାରଦ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ରାଜ୍ୟ ପୂର୍ବ ପ୍ରାନ୍ତର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟବାହ ଡ. ଅନୀଲ କୁମାର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବରିଷ୍ଠ ଖବରଦାତା ସୁବ୍ରତ ଦାସଙ୍କୁ 'ସପ୍ତଦଶ ନାରଦ ସମ୍ମାନ'ରେ ସମ୍ମାନିତ କରିଥିଲେ। ଏହା ସହ ତାଙ୍କୁ ମାନପତ୍ର, ନାରିକେଳ, ଉତ୍ତୋରୀୟ ଓ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ବିଶ୍ୱ ସମ୍ବାଦ କେନ୍ଦ୍ରର ସଭାପତି ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସଙ୍ଗଠନର ସମ୍ପାଦକ ସୁମନ୍ତ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ତପେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ସବ୍ୟସାଚୀ ବେହେରା ଅତିଥିଙ୍କ ପରିଚୟ କରିଥିବା ବେଳେ ଉପସଭାପତି ନିରଞ୍ଜନ ନାୟକ ମାନପତ୍ର ପାଠ କରିଥିଲେ। ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସୂଚନାଥାଉ କି, ଖବରଦାତା ଦାସ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ଲାଭ କରିବା ପରେ ସାମ୍ବାଦିକତା କରିଥିଲେ। ସେ ସର୍ବଭାରତୀୟ ସ୍ତରରେ ସମ୍ବାଦପତ୍ର ପାଇଁ କାର୍ଯ୍ୟକରି ରାଜ୍ୟର ଚିତ୍ର ଓ ଚରିତ୍ରକୁ ଜାତୀୟସ୍ତରରେ ପରିଚିତ କରାଇବାରେ ସଫଳ ହୋଇଛନ୍ତି। ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନେଇ ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।

# ଜିରାଫ ଖୁସିକୁ ମିଳିବ ୨ ନୂଆ ସାଥୀ



**ଆସିବେ ମହୀଶୂର ଚିଡ଼ିଆଖାନାରୁ**
**ବଦଳ ପ୍ରକ୍ରିୟାରେ ନେବେ ୨ ସିମ୍ପାଜି**

ବାରଙ୍ଗ,୧୯।୫(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ଖୁସି ଖବର। ଖୁବଶୀଘ୍ର ନନ୍ଦନକାନନ କର୍ତ୍ତୃପକ୍ଷ ଜିରାଫ ଖୁସି ପାଇଁ ଦୁଇଟି ନୂଆ ସାଥୀ ଆଣିବାର ବାଟ ପରିଷ୍କାର କରିବାକୁ ଯାଉଛନ୍ତି। ଆସନ୍ତା ୨୨ତାରିଖ ହିଁ ଦୀର୍ଘଦିନର କଳ୍ପନାଜଳ୍ପନାର ଅନ୍ତ ଶେଷ ହେବ। ଏହିଦିନ ଦିଲ୍ଲୀରେ ଆୟୋଜିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ବୈଠକରେ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

ପ୍ରକାଶ ଯେ, ନନ୍ଦନକାନନର ଶେଷଭାଗ ଆଡକୁ ୧୦୦ନଂ ଏନକ୍ଲୋଜରରେ ରହୁଛି ଜିରାଫ ଖୁସି। ୨୦୧୨ ଜୁଲାଇ ୧୧ରେ ପାଟଣାରୁ ଖୁସିକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଦୁଇ ସିମ୍ପାଜି କାର୍ତ୍ତିକ ଓ ସୁଭଦ୍ରା ବଦଳରେ ନନ୍ଦନକାନନକୁ ଅଣାଯାଇଥିଲା। ୨୦୧୬ ଫେବୃୟାରୀ ୨୪ରେ କୋଲକାତାରୁ ତା'ର ସାଥୀ ଜୟ ଆସିଥିଲା। କିନ୍ତୁ ଆସିବାର ୪ଦିନ ପରେ ଘଟଣାକ୍ରମେ ଜୟର ମୃତ୍ୟୁ ଘଟିଥିଲା। ଏହାପରେ ଖୁସିକୁ ସାଥୀଦେବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ବିଭିନ୍ନ ଚିଡିଆଖାନା ସହ କଥାବାର୍ତ୍ତା କରିଥିଲେ ମଧ୍ୟ ସଫଳ ମିଳି ନ ଥିଲା। ଶେଷରେ ମହୀଶୂର ଚିଡିଆଖାନା ଦୁଇଟି ସିମ୍ପାଜି ବଦଳରେ ହଳେ ଜିରାଫ ଦେବାକୁ ରାଜି ହେବା ସହ ଏହି ସହମତିକୁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ମଧ୍ୟ ରାଜି ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମହୀଶୂର ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଆନ୍ତରିକତା ସହଯୋଗର ଅଭାବ ଯୋଗୁ ଅଦଳବଦଳ ପ୍ରକ୍ରିୟାକୁ ଆଗକୁ ଦିଆଯାଇପାରି ନ ଥିଲା। ଏହି ସମୟ ମଧ୍ୟରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ସହମତି ସମୟସୀମାର ଅବଧି ୧ବର୍ଷ ପୂର୍ଣ୍ଣ ହୋଇଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଅଦଳବଦଳ ପ୍ରକ୍ରିୟା ଆଗକୁ ଯାଇପାରି ନ ଥିବାବେଳେ ଏବେ କିନ୍ତୁ ମହୀଶୂର ଚିଡିଆଖାନା କର୍ତ୍ତୃପକ୍ଷ ସହମତି ପ୍ରଦାନ କରିଛନ୍ତି। ୨୨ ତାରିଖରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଲ୍ଲୀରେ ଏକ ବୈଠକ ଆୟୋଜିତ ହେବାକୁ ଯାଉଛି। ଏଥିରେ ବଡବଡ ଚିଡିଆଖାନା କର୍ତ୍ତୃପକ୍ଷମାନଙ୍କୁ ନିମନ୍ତ୍ରଣ କରାଯାଇଛି। ନନ୍ଦନକାନନ ପକ୍ଷରୁ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ବୈଠକରେ ପ୍ରତିନିଧିତ୍ୱ କରିବାକୁ ଯାଉଥିବାବେଳେ ସେଠାକୁ ଆସୁଥିବା ମହୀଶୂର ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏହି ଅଦଳବଦଳ ପ୍ରକ୍ରିୟାକୁ ଆଗେଇବାର ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ପୂର୍ବନିଷ୍ପତ୍ତି ଅନୁଯାୟୀ ଉଭୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସହମତିରେ ଦେଇଥିବା ନାମତାଲିକା ଉପରେ ମୁଖ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିବ ବୋଲି ଜଣାପଡିଛି। ତେବେ ହଳେ ଜିରାଫ ବଦଳରେ ନନ୍ଦନକାନନରୁ ଦୁଇଟି ସିମ୍ପାଜି ପୂର୍ଣ୍ଣିମା ଓ ତା'ର ଛୁଆ ଲକ୍ଷ୍ମୀକୁ ଦେବାକୁ ନନ୍ଦନକାନନ ସ୍ଥିର କରିଥିଲା। ମହୀଶୂର ଯଦି ନାମତାଲିକାରେ ପରିବର୍ତ୍ତନ କରେ, ନନ୍ଦନକାନନ ମଧ୍ୟ ସଂଶୋଧନ କରିବ ବୋଲି ଉପନିର୍ଦ୍ଦେଶକ ଦାସ କହିଛନ୍ତି। ଏହି ଆଲୋଚନା ସଫଳ ହେଲେ ଦଶହରାରେ ପର୍ଯ୍ୟଟକମାନେ ନୂଆ ଅତିଥି ସାଜିଥିବା ଖୁସି ସାଥୀର ମଜା ଉଠାଇପାରିବେ। ଏହାସହ ବୈଠକରେ ଆନାକୋଣ୍ଡା ବିଷୟରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ନନ୍ଦନକାନନର ଜନ୍ତୁ ବିଭାଗ ଏସିଏଫ ଅଞ୍ଜନ କୁମାର ମହାନ୍ତି କହିଛନ୍ତି। ନନ୍ଦନକାନନର ମାଷ୍ଟରପ୍ଲାନର ପଶୁପକ୍ଷୀ ସଂଗ୍ରହ ତାଲିକାରେ ଆନାକୋଣ୍ଡାର ନାମତାଲିକା ନ ଥିବାରୁ ଚେନ୍ନାଇ ସେନ୍କ ପାର୍କରୁ ଏହାକୁ ଆଣିବାରେ ଅସୁବିଧା ସୃଷ୍ଟି ହୋଇଥିଲା। ସେଠାକାର କର୍ତ୍ତୃପକ୍ଷ ସହମତି ଦେଇଥିବାବେଳେ କେନ୍ଦ୍ରୀୟ ଚିଡିଆଖାନା ରୋକ ଲଗାଇଥିଲା। ନିୟମାନୁଯାୟୀ ୧୦ବର୍ଷ ପରେ ପଶୁପକ୍ଷୀ ସଂଗ୍ରହ ତାଲିକାକୁ ସଂଶୋଧନ କରିହେବ। ଏହି ଆଧାରରେ ଆନାକୋଣ୍ଡାର ନାମ ଯୋଡିବା ସହ ନୂଆକରି ହେଉଥିବା ୨୦ବର୍ଷିଆ ମାଷ୍ଟରପ୍ଲାନରେ ଆନାକୋଣ୍ଡା ନାମ ରହିଛି। ଏହି ବିଷୟରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ଉପନିର୍ଦ୍ଦେଶକ କରିବେ ବୋଲି ଜନ୍ତୁ ବିଭାଗ ଏସିଏଫ କହିଛନ୍ତି।

### ନନ୍ଦନକାନନର ଘଡ଼ିଆଳ କୁମ୍ଭୀର ଯିବ ସାତକୋଶିଆ

**ବାରଙ୍ଗ,୧୯।୫(ଡି.ଏନ୍.ଏ.)-** ଭିତରକନିକା ପରେ ଏବେ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଘଡିଆଳ କୁମ୍ଭୀର ସାତକୋଶିଆ ମଧ୍ୟ ଯିବ। ଏହି କୁମ୍ଭୀମାନଙ୍କର ବାସସ୍ଥାନ ପରଖିବା ପାଇଁ ଶୁକ୍ରବାର ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଯାଇଥିବା ଜୀବବିଜ୍ଞାନୀ ରାଜେଶ ମହାପାତ୍ର ମହାନଦୀର ଅବବାହିକାର ବିଭିନ୍ନ ସ୍ଥାନ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଯଦିଓ ଜୁନ ୧୫ରେ ଏହାର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହେବ ତଥାପି ପୂର୍ବ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଅନୁଧ୍ୟାନ ଆରମ୍ଭ ହୋଇଛି। ଏହି ଅନୁଧ୍ୟାନ ପରେ ସାତକୋଶିଆରେ ପ୍ରାଥମିକ ପର୍ଯ୍ୟାୟରେ ୫ଟି ଘଡିଆଳ କୁମ୍ଭୀର ପରିକ୍ଷଣସ୍ୱରୂପ ଛଡାଯିବ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

**ପୁରୀ ବାଇପାସ୍‌ରୁ କାର୍ ଲୁଟ ଘଟଣା**

# କାର୍ ସହ ପିସ୍ତଲ ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଧୀନ ପୁରୀ ବାଇପାସ୍ ଅଞ୍ଚଳରେ ପିସ୍ତଲ ଦେଖାଇ କାର ଲୁଟିନେବା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଚୋରି କାର୍ ସମେତ ଗୋଟିଏ ପିସ୍ତଲ ଜବତ କରିଛି। ସୂଚନା ମୁତାବକ, ପଟିଆରେ ରହୁଥିବା ନୟାଗଡ ଅଞ୍ଚଳର ପ୍ରତାପ ନାୟକଙ୍କର ପୁରୀ ଜିଲା ବ୍ରହ୍ମଗିରିରେ ଏକ ଘର ରହିଛି। ବାତ୍ୟା ପରେ ଘର ସ୍ଥିତି ଦେଖିବାକୁ ପ୍ରତାପ ଗତ ୧୧ ତାରିଖରେ ପଳାଶୁଣୀ ଅଞ୍ଚଳର ଏକ ଟ୍ରାଭେଲ୍ସରୁ କାର୍ ଭଡ଼ା ନେଇ ବ୍ରହ୍ମଗିରି ବାହାରିଥିଲେ। କଟକ-ପୁରୀ ବାଇପାସ ଅଞ୍ଚଳରେ କେତେଜଣ ଦୁର୍ବୃତ୍ତ ଏକ କାରରେ ଆସି ତାଙ୍କ କାର୍ ଆଗରେ ଆଡ଼ ପକାଇଥିଲେ। ସେମାନେ ପ୍ରତାପଙ୍କ ଗାଡ଼ି ଡ୍ରାଇଭରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରତାପଙ୍କଠାରୁ ଟଙ୍କା ମୋବାଇଲ ଏବଂ ଭଡା କାର୍ ଲୁଟ କରି ଫେରାର ହୋଇଯାଇଥିଲେ। ଏ ନେଇ ପ୍ରତାପ ୧୨ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୧୭୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଶନିବାର ଏହି ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲୁଟ କାର ସମେତ ଗୋଟିଏ ପିସ୍ତଲ ଜବତ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ଖୋଳତାଡ଼ ଜାରି ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଆଶୁତୋଷ


ଅଭିଜିତ


ପ୍ରଜ୍ଞା


ଚିରସ୍ମିତା


ଜ୍ୟୋତିପ୍ରକାଶ


ପାର୍ଥ


ଦିଲ୍ଲୀପ



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୯।୫:** ଲାଲବାଗ ଥାନା ଅଞ୍ଚଳର ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଖଟବିନ୍ ସାହି ଅଞ୍ଚଳର ସାହାଜାନ ଖାନ୍(୪୦)। ଏ ନେଇ ପୋଲିସ ଆଇପିସିର ଦଫା ୩୭୬ ଏବଂ ପୋକ୍ସୋ ଆକ୍ଟ-୬ରେ ଏକ ମାମଲା (ନଂ.୮୮/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସାହାଜାନ ଶନିବାର ପରିଚିତ ହିସାବରେ ନାବାଳିକାଙ୍କୁ ବଜାର ବୁଲାଇବାକୁ କହି ତାଙ୍କୁ ଘରୁ ନେଇଆସିଥିଲେ। ପରେ ନାବାଳିକାଙ୍କୁ ଚକୋଲେଟ୍ ଦେବା ସହ ନିଜ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଘରକୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ଏସ୍‌ସିବିରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି।

### ଲୋକଙ୍କ ଘରୁ ସାମଗ୍ରୀ ଲୁଟ୍ ଘଟଣା
## ଶାଗମାଛ ଦରରେ ବିକ୍ରି କରୁଛନ୍ତି ଲୁଟେରା

ଭୁବନେଶ୍ୱର,୧୯।୫(ବ୍ୟୁରୋ): 'ଫନୀ' ଲକ୍ଷ ଲକ୍ଷ ଲୋକଙ୍କ କ୍ଷୟକ୍ଷତି କରି ସର୍ବନାଶର କାରଣ ହୋଇଥିବାବେଳେ ଲୁଟେରାଙ୍କ ଲାଗି ପୁଷମାସ ସଦୃଶ ପାଲଟିଛି। ଉପକୂଳ ଓଡ଼ିଶାରେ ବାତ୍ୟା ତାଣ୍ଡବ ରଚିବା ପୂର୍ବରୁ ରାଜ୍ୟ ସରକାର ଚାଳଘର ଓ ଆଜବେଷ୍ଟସ୍ ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ପ୍ରଶାସନ ପକ୍ଷରୁ ବହୁ ଲୋକଙ୍କୁ ଆଶ୍ରୟସ୍ଥଳୀଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ସୁଯୋଗରେ ଅନେକ ଲୁଟେରା ଲୋକଙ୍କ ଘର କବାଟ ତାଲା ଭାଙ୍ଗି ଟିଭି, ଫ୍ରିଜ୍ ଏବଂ ଅନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ବିଶେଷକରି ରାଜଧାନୀରେ ଏଭଳି କିଛି ଘଟଣା ଘଟିଥିଲା। ଏ ନେଇ କମିଶନରେଟ୍ ପୋଲିସରେ ମଧ ଅଭିଯୋଗ ହୋଇଥିଲା। ସେହି ଲୁଟ୍ ସାମଗ୍ରୀଗୁଡ଼ିକୁ ଏବେ ଲୁଟେରାମାନେ ବିଭିନ୍ନ ସ୍ଥାନରେ ଶାଗମାଛ ଦରରେ ବିକ୍ରି କରୁଥିବା ଜଣାପଡ଼ିଛି। ଗୋଟିଏ ପଟେ ଲୋକେ ନିଜ ଜିନିଷ ହରାଇ ଦୁଃଖରେ ଥିବାବେଳେ ଅନ୍ୟପଟେ ମାଲାମାଲ୍ ହେଉଛନ୍ତି ଲୁଟେରା। ସୂଚନା ଅନୁଯାୟୀ, ଲୁଟେରାମାନେ ଏଲ୍‌ଇଡି ଟିଭିକୁ ମାତ୍ର ୨ହଜାର ଟଙ୍କାରେ ବିକୁଥିବା ବେଳେ ଫ୍ରିଜ୍ ୩ହଜାର ଏବଂ ଗ୍ରାଇଣ୍ଡର ୧ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ୨ଦିନ ତଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି କାରବାର ଚାଲିଥିଲା। ଏ ନେଇ ପୋଲିସ ଖବର ପାଇବା ପରେ ସମ୍ପୃକ୍ତ ର୍ୟାକେଟକୁ ଧରିବା ପାଇଁ ଜାଲ ବିଛାଇଥିଲା। ଏପରି କି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ସେହି ସାମଗ୍ରୀ କିଣିବା ପାଇଁ ଟଙ୍କା ଦେଇ ପଠାଇଥିଲା। ସେ ଚୋରି ସାମଗ୍ରୀ କିଣିବା ପାଇଁ ଲୁଟେରାମାନେ ରହୁଥିବା ଏକ ବସ୍ତିକୁ ଯାଇଥିଲେ। ମାତ୍ର ତାଙ୍କୁ ଲୁଟେରାମାନେ ଚିହ୍ନିପାରି ଏବଂ ପୋଲିସ ପଠାଇଥିବା ସନ୍ଦେହ କରି ଫେରାର ହୋଇ ଯାଇଥିଲେ। ଫଳରେ ପୋଲିସକୁ ନିରାଶ ହେବାକୁ ପଡ଼ିଥିଲା। କେବଳ ଉକ୍ତ ଥାନା ଅଞ୍ଚଳରେ ନୁହେଁ ରାଜଧାନୀର ଅନ୍ୟ ଥାନା ଅଞ୍ଚଳରେ ମଧ ଏଭଳି କାରବାର ହେଉଥିବା ଜଣାପଡ଼ିଛି। ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ଜୋରଦାର ଚେଷ୍ଟା ଜାରି ରଖିଛି। ଏଥିପାଇଁ ଏକ ଟିମ୍ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ
# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

■ ଶାଶୁଘର କହିଲେ ଆତ୍ମହତ୍ୟା
■ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା: ପୋଲିସ

ଇନ୍‌ଫୋସିଟିଥାନା ଅଧୀନ ଶିଶୁବିହାର ଅଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ସାମ୍ବାଦିକ ମନୋଜ ମହାପାତ୍ରଙ୍କ ବୋହୂ ଭାରତୀ ମହାପାତ୍ର(୩୫)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଭାରତୀ ବାଥରୁମ୍‌ର ପୋଷାକ ରଖିବା ଷ୍ଟାଣ୍ଡରେ ବେକରେ କପଡ଼ା ବାନ୍ଧି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ମଧ ଶାଶୁଘର ଲୋକଙ୍କ କଥାକୁ ସହଜରେ ଗ୍ରହଣ କରିପାରୁନି। ମୃତଦେହକୁ ଶୋଇବା ଘର ତଳେ ରଖାଯାଇଥିବା ପୋଲିସ ତଦନ୍ତ ସମୟରେ ଯାଇ ଦେଖିବାକୁ ପାଇଥିଲା। ଭାରତୀଙ୍କ ବେକକୁ କୌଣସି କପଡ଼ାରେ ଭିଡ଼ି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ତଦନ୍ତ ଆଗେଇବ ବୋଲି ପୋଲିସ କହିଛି।

ଶାଶୁଘର ଲୋକଙ୍କ କହିବା ଅନୁଯାୟୀ, ରବିବାର ସକାଳ ୭.୩୦ରେ ଭାରତୀ ଘର କାମ କରୁଥିଲେ। ଏହାପରେ ସେ ବାଥରୁମ୍‌କୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ଧରି ନ ଫେରିବାରୁ ସମସ୍ତଙ୍କର ସନ୍ଦେହ ହୋଇଥିଲା। ସେମାନେ ବାଥରୁମ୍ କବାଟ ବାଡେଇଥିଲେ। କିନ୍ତୁ ସେ ଖୋଲି ନ ଥିଲେ। ଫଳରେ କବାଟ ଲକ୍ ଭାଙ୍ଗିବାରୁ ପୋଷାକ ରଖିବା ଷ୍ଟାଣ୍ଡରେ ଭାରତୀ ବେକରେ କପଡ଼ା ଗୁଡ଼ାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେ ବଞ୍ଚିଥିବା ଭାବି ତୁରନ୍ତ ଖୋଲିଆଣି ତାଙ୍କ ରୁମ୍‌ରେ ରଖିଥିଲେ। କିନ୍ତୁ ଭାରତୀ ମରିଯାଇଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

ଅନ୍ୟପକ୍ଷରେ ଭାରତୀଙ୍କ ବାପା ନୃସିଂହ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଛନ୍ତି। ଭାରତୀ ୧୨ବର୍ଷ ତଳେ ବୈଦିକ ରୀତିରେ ମନୋଜ ମହାପାତ୍ରଙ୍କ ପୁତ୍ର ମହେଶ ମହାପାତ୍ରଙ୍କୁ ବିବାହ କରିଥିଲେ। ତାଙ୍କର ୧୦ବର୍ଷର ପୁଅଟିଏ ରହିଛି। ବିବାହ ପୂର୍ବରୁ ମହେଶଙ୍କ ପରିବାର ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। କିନ୍ତୁ ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ଭାରତୀଙ୍କୁ ମାଡ଼ ମାରିବା ସହ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିଲେ। ଏ ନେଇ ଭାରତୀ ବାପଘର ଲୋକଙ୍କୁ ବହୁବାର ଜଣାଇଥିଲେ। ସେମାନେ ଆସି ବୁଝାଶୁଝା କରିବା ପରେ ମଧ ଯୌତୁକ ପାଇଁ ପୂର୍ବଭଳି ନିର୍ଯାତନା ଦିଆଯାଉଥିଲା। ତାଙ୍କ ଝିଅକୁ ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ନୃସିଂହ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ କ୍ରମେ କେସ୍ ନଂ ୧୦୨/୧୯ ରୁଜୁ କରି ଅନୁସନ୍ଧାନ ଜାରି ରଖିଛି ପୋଲିସ।

### ■ ରାଜଧାନୀର ଗୋଟିଏ ବୁଥ୍‌ରେ ସାନି ମତଦାନ
# ଶହୀଦନଗର ୧୨୭ନଂ. ବୁଥ୍‌ରେ ଉତ୍ତେଜନା



ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟରେ ଗତ ୨୩ତାରିଖରେ ରାଜଧାନୀ ଭୁବନେଶ୍ୱର ସମେତ କେତେକ ଜିଲାରେ ଭୋଟ ଗ୍ରହଣ କରାଯାଇଥିଲା। ତେବେ ଶହୀଦନଗର ବୁଥ୍ ନଂ.୧୨୭ରେ ଇଭିଏମ୍ ତ୍ରୁଟି ଯୋଗୁ ସମସ୍ୟା ଉପୁଜିଥିଲା। ଏଥିଯୋଗୁ ଭୋଟଗ୍ରହଣ ହୋଇପାରି ନ ଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଶେଷ ପର୍ଯ୍ୟାୟ ମତଦାନ ସମ୍ପନ୍ନ ହୋଇଛି। ସକାଳୁ ଶହୀଦନଗର ବୁଥ୍ ନଂ. ୧୨୭ରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଚାଲିଥିଲା। ହେଲେ କେତେକ ନିର୍ଦ୍ଦିଷ୍ଟ ଦଳର ନେତାମାନେ ଆସି ତାଙ୍କ ଦଳକୁ ଭୋଟ ଦେବା ପାଇଁ ବୁଥ୍ ଆଗରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇଥିଲେ। ଏପରି କି ବୁଥ୍ ଭିତରେ ପଶି ଭୋଟରଙ୍କୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ କହିବା ସହ ଧମକାଇ ଥିବା ଅଭିଯୋଗ ହୋଇଛି। ଅନ୍ୟ ଦଳର ନେତାମାନେ ଏହା ଜାଣିବାକୁ ପାଇ ସେଠାରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଖବର ପାଇ ଶହୀଦନଗର ଓ ମଞ୍ଚେଶ୍ୱର ଥାନା ପୋଲିସ ସମେତ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଉଭୟ ଦଳର ସମର୍ଥକଙ୍କୁ ବୁଥ୍ ବାହାରକୁ ଯିବାକୁ କହିଥିଲେ। ଯେଉଁ ନିର୍ଦ୍ଦିଷ୍ଟ ଦଳର ନେତାମାନେ ବୁଥ୍ ଭିତରେ ପଶି ଭୋଟରଙ୍କୁ ଧମକାଉଥିଲେ ସେମାନଙ୍କୁ ଦାଗିଦ୍ କରିବା ସହ କିଛି ସମର୍ଥକଙ୍କୁ ଥାନାକୁ ନେଇଯାଇଥିଲେ। ଏହାପରେ ବୁଥ୍ ଆଗରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଫଳରେ ଶାନ୍ତିଶୃଙ୍ଖଳାରେ ମତଦାନ ସରିଥିଲା।




ଭିକି ଡ୍ୟାନ୍ସ ଟ୍ରଷ୍ଟ ଓ ମ୍ୟୁଜିକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରବିବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଅଲ ଇଣ୍ଡିଆ ନେତାଜୀ ଚାମ୍ପିୟନଶିପର ବାର୍ଷିକ ଉତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ବିଦ୍ୟୁତ୍ ସରଞ୍ଜାମ ଯୋଗାଇପାରୁନି ସେସୁ ଟିକରପଡା ପଞ୍ଚାୟତ ଅନ୍ଧାରରେ

ପୁରୁଣା ଭୁବନେଶ୍ୱର, ୧୯।୫ (ଡି.ଏନ.ଏ.)

ବାତ୍ୟା ଫନୀ ଯୋ ବନ୍ଦ ଥିବା ବିଦ୍ୟୁତ୍ ସରବରାହକୁ ଚାଲୁ କରିବାକୁ ନୂଅଗାଁ, ନାଥପୁର ଗ୍ରାମବାସୀ ବିଭାଗ ସହ ହାତ ମିଳାଇଥିଲେ। ଗାଁର ଶତାଧିକ ଯୁବକ ବିଦ୍ୟୁତ୍ ଖୁଣ୍ଟ ପୋତିବାଠାରୁ ତାର ଭିଡିବା ଯାଏ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଗାଁକୁ ଲାଇନ୍ ମଧ ନେଇଥିଲେ। ମାତ୍ର ଦୟାନଦୀ ବନ୍ଧର ଟିକରପଡା ପଞ୍ଚାୟତକୁ ବିଦ୍ୟୁତ୍ ଏବେବି ଯାଇ ପାରିନାହିଁ। ଯୁବକମାନେ ଶ୍ରମ ଦେବାକୁ ଆଗ୍ରହୀ ଥିଲେ ହେଁ ପ୍ରାୟ ୫୦ଟି ୧୧ କେଭି ଖୁଣ୍ଟର ଆବଶ୍ୟକତା ରହିଛି। ଯାହା ସେସୁ ଯୋଗାଇ ପାରୁନାହିଁ। ରବିବାର ଏହି ଖୁଣ୍ଟ ଶୀଘ୍ର ଯୋଗାଇଦେବାକୁ ବିଭାଗକୁ ଗ୍ରାମବାସୀଙ୍କ ପକ୍ଷରୁ ପତ୍ର ମାଧ୍ୟମରେ କୁହାଯାଇଛି। ଖୁଣ୍ଟ ଯୋଗାଇଦେବା ପରେ ବିଭାଗର କର୍ମଚାରୀମାନଙ୍କୁ ଲୋକେ ସହଯୋଗ କରିବେ ବୋଲି କହିଛନ୍ତି।

# କିଟ୍ ପକ୍ଷରୁ ରିଲିଫ ପ୍ରଦାନ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ପୁରୀ ଜିଲା ବାତ୍ୟା ବିପନ୍ନ ଲୋକଙ୍କ ପାଇଁ କିଟ୍ ପକ୍ଷରୁ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ୧ଲକ୍ଷ ବିସ୍କୁଟ ପ୍ୟାକେଟ୍ ସହ ୧ଲକ୍ଷ ପାଣି ବୋତଲ ୧୧ ଟ୍ରକ୍‌ରେ ଲଦାଯାଇ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତି ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରିଲିଫ ସାମଗ୍ରୀ ପୁରୀ ପଠାଯାଇଛି। ଆବଶ୍ୟକ ହେଲେ ଆଗାମୀ ଦିନରେ ମଧ ରିଲିଫ ପ୍ରେରଣ ପ୍ରକ୍ରିୟା ଜାରି ରହିବ ବୋଲି କିଟ୍ ପକ୍ଷରୁ କୁହାଯାଇଛି। ଓଡ଼ିଶାର ଜନତାଙ୍କ ସେବା ପାଇଁ ସର୍ବଦା ଉତ୍ସର୍ଗୀକୃତ ରହୁଥିବା ତିନି ଅନୁଷ୍ଠାନ କିଟ୍, କିସ୍ ଓ କିମ୍‌ସ ଶିକ୍ଷାଦାନ ବ୍ୟତୀତ ପ୍ରାକୃତିକ ଦୁର୍ବିପାକରେ ଲୋକଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଥାଆନ୍ତି।

# ସ୍କୁବା ଡାଇଭିଂ ଶିଖି ଓଡ଼ିଶା ଛାଡ଼ିଲେ ୟୁପି ପୋଲିସ

କଟକ ଅଫିସ,୧୯।୫

**ଭାଇଚାରାର ବାର୍ତ୍ତା ଛାଡ଼ିଲେ, ଚାରା ରୋପଣ କଲେ**

ଓଡ଼ିଶାରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେଉଥିବା ଉତ୍ତରପ୍ରଦେଶ(ୟୁପି)ର ୩୦ଜଣ ପୋଲିସ କର୍ମଚାରୀ ରବିବାର ଫେରିଯାଇଛନ୍ତି। ଗତ ଏପ୍ରିଲ ୧୨ ତାରିଖରୁ ଏମାନେ ଭାରତର ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ତଥା ଲିମ୍‌କା ବୁକ୍ ରେକର୍ଡ ଧାରୀ ସବୀର ବକ୍ସଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିଲେ। ମହାନଦୀ ଜଳରାଶିରେ ସବୀର ଏମାନଙ୍କୁ ପାଣି ଭିତରୁ ଉଦ୍ଧାର କରିବାର ସହଜ ଓ ଅତ୍ୟାଧୁନିକ କୌଶଳ ଶିକ୍ଷା ଦେଇଛନ୍ତି। ହେଲେ କଟକ ଛାଡ଼ିବା ପୂର୍ବରୁ କଟକବାସୀଙ୍କ ସ୍ନେହ, ଭଲପାଇବା ଓ ଏଠାକାର ଭାଇଚାରା ସମ୍ପର୍କରେ ମତ ଦେଇଛନ୍ତି। ପ୍ରଶିକ୍ଷଣ ନେଉଥିବା ଏହି ଟିମ୍‌ର ପ୍ରଭାରୀ ରାଜେଶ ଯାଦବ କହିଛନ୍ତି, କଟକ ଅଳ୍ପଦିନ ଭିତରେ ଆମକୁ ଆପଣାଇ ଦେଇଥିଲା। ଏଠାକାର ଲୋକଙ୍କ ବ୍ୟବହାର ଓ ଭଲପାଇବା ପାଇ ବହୁତ ଖୁସି। ସାମୁଦ୍ରିକ ଝଡ଼ ଫନୀ ସମୟରେ ଏଠାକାର ଲୋକମାନେ ପରସ୍ପରକୁ ସାହାଯ୍ୟ କରୁଥିବା ଦୃଶ୍ୟ ନିଆରା ଥିଲା। କଟକକୁ କେବେ ଭୁଲି ପାରିବୁ ନାହିଁ। ଅନ୍ୟପକ୍ଷରେ ପ୍ରଶିକ୍ଷକ ସବୀର କହିଛନ୍ତି, କିଛିଦିନ ଭିତରେ ସେମାନେ କଟକକୁ ଭଲ ପାଇ ସାରିଥିଲେ। ଫନୀ ସମୟରେ ନିଜ ଇଚ୍ଛାରେ ସେମାନେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ତୁଳସୀପୁର ଅଞ୍ଚଳରେ ଗଛକଟା ଓ ସଫେଇ କାର୍ଯ୍ୟ କରି ସେମାନେ ଭାଇଚାରାର ବାର୍ତ୍ତା ଛାଡ଼ିଛନ୍ତି। ଏତଦବ୍ୟତୀତ ରବିବାର ଉକ୍ତ ପୋଲିସ କର୍ମଚାରୀମାନେ ନଦୀବନ୍ଧ ସମେତ ତୁଳସୀପୁର ଅଞ୍ଚଳରେ ଚାରାରୋପଣ କରିଥିଲେ। କଟକ ମହାନଦୀ ସହିତ ଚିଲିକା, ରାମଚଣ୍ଡୀ ମୁହାଣରେ ସେମାନେ ପ୍ରଶିକ୍ଷଣ ନେବାର କାର୍ଯ୍ୟସୂଚୀ ରହିଥିଲା। ହେଲେ ଫନୀ ଯୋଗୁ ଚିଲିକା ଓ ରାମଚଣ୍ଡୀ ମୁହାଣରେ ପ୍ରଶିକ୍ଷଣ କାର୍ଯ୍ୟ ହୋଇପାରିନାହିଁ ବୋଲି ସବୀର କହିଛନ୍ତି। ସୂଚନାଥାଉ କି, କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଓ ଉତ୍ତରପ୍ରଦେଶର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ମଧ୍ୟରେ ଗତ ମାର୍ଚ୍ଚରେ ହୋଇଥିବା ଏକ ଏମ୍‌ଓୟୁ ଅନୁଯାୟୀ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନିମନ୍ତେ କଟକ ଆସିଥିଲେ। ପୂର୍ବତନ ନେଭି ଅଧିକାରୀ ପ୍ରଣବ ବିଶ୍ୱାଳ ମଧ ପ୍ରଶିକ୍ଷଣ ଦାୟିତ୍ୱରେ ଥିଲେ। ମହମ୍ମଦ ଗାଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ଥିବାବେଳେ ଡ. ସଲିମ ସ୍ୱତନ୍ତ୍ର ଭାବେ ପୋଲିସ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଧ୍ୟାନ ଦେଉଥିଲେ।



ରବିବାର ଏକ ସେଣ୍ଟରରୁ ଓୟୁଏଟି ପରୀକ୍ଷା ଦେଇସାରି ଫେରୁଥିବା ଛାତ୍ରୀଛାତ୍ର।

# କଟକକୁ ନିରନ୍ତର ପାନୀୟଜଳ ଯୋଗାଅ: ସ୍ଥାୟୀ ଲୋକ ଅଦାଲତ

**କଟକ ଅଫିସ,୧୯।୫:** ଫନୀ ପ୍ରଭାବରେ ସିଡିଏକୁ ଜଳ ଯୋଗାଣ ବ୍ୟାହତ ନେଇ ସେକ୍ଟର-୬ର ବରିଷ୍ଠ ନାଗରିକ ଜଗବନ୍ଧୁ ବେହେରା ସ୍ଥାନୀୟ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ରେ ଏକ ମକଦ୍ଦମା ଦାଏର କରିଥିଲେ। ଦରଖାସ୍ତକାରୀ ବେହେରାଙ୍କ ଦରଖାସ୍ତକୁ ବିଚାର ପାଇଁ ଗ୍ରହଣ କରି ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ କଟକ ଜିଲାପାଳ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ସମନ ଜାରି କରି ଶନିବାର ଜବାବ ତଲବ କରିଛନ୍ତି। ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ସହକାରୀ ଯନ୍ତ୍ରୀ ହାଜର ହୋଇ ଜବାବ ଦାଖଲ ନିମନ୍ତେ ସମୟ ନେବା ପାଇଁ ଆବେଦନ କରିଥିଲେ। ଠିକ୍ ଜବାବ ଦାଖଲ ନିମନ୍ତେ ଅଦାଲତ ମହଲତ ଦେବା ସମୟରେ କଟକ ବାସିନ୍ଦାଙ୍କ ପାଇଁ ନିରନ୍ତର ପାନୀୟଜଳ ଯୋଗାଣ ଲାଗି ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ଉଡ଼ିଗଲେ ଗେଣ୍ଡାଳିଆ, ଭାଙ୍ଗିଗଲା ବସା

ନରାଜ,୧୯।୫(ଡି.ଏନ୍.ଏ.)



ଫନୀ ପ୍ରଭାବରେ ନନ୍ଦନକାନନର ସବୁଜିମା ଏକ ପ୍ରକାର ଧ୍ୱଂସ ହୋଇପଡିଛି। ଏଥିରେ କୌଣସି ଜୀବଜନ୍ତୁଙ୍କର କ୍ଷତି ହୋଇ ନ ଥିବା କର୍ତ୍ତୃପକ୍ଷ କହୁଥିବା ବେଳେ କେତେକ ମୁକ୍ତ ଜଙ୍ଗଲି ପଶୁପକ୍ଷୀ ଆଗଭଳି ଆଉ ଦେଖିବାକୁ ମିଳୁନି। ଏମାନଙ୍କ ମଧ୍ୟରେ ଗେଣ୍ଡାଳିଆ ପକ୍ଷୀ ଅନ୍ୟତମ। ବାତ୍ୟାରେ ନନ୍ଦନକାନନର ଅନେକ ବଡ ଗଛ ଉପୁଡି ପଡିବା ସହ ପକ୍ଷୀମାନଙ୍କର ବଡ ବଡ ବସା ଭାଙ୍ଗି ଯାଇଛି। ଫଳରେ ଏଠାରେ ଥିବା ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆଙ୍କ ମଧ୍ୟରୁ କିଛିଟା ମୃତାହତ ହୋଇ ପଡିଥିବାବେଳେ ଅଧିକାଂଶ ଅନ୍ୟତ୍ର ଚାଲିଯାଇଥିବା ପଶୁପ୍ରେମୀମାନେ ଅନୁମାନ କରୁଛନ୍ତି। ନନ୍ଦନକାନନ ବୋଟଘାଟ, କାଞ୍ଜିଆ ହ୍ରଦକୂଳ, ରୋପ ୱେ, ଟିକେଟ ଘର ନିକଟରେ ଥିବା ବଡବଡ ଗଛଗୁଡ଼ିକରେ ଗତ ଆଠବର୍ଷ ହେଲା ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆ ପକ୍ଷୀ ବସାବାନ୍ଧି ରହି ଆସୁଥିଲେ। ପ୍ରଥମେ ଋତୁ ଅନୁଯାୟୀ ଆସୁଥିବାବେଳେ ପରେ ପରେ ସ୍ଥାୟୀ ଭାବେ ଏହି ଗଛରେ ବସା ବାନ୍ଧି ରହିଲେ। ପର୍ଯ୍ୟଟକମାନେ ବୋଟଘାଟ ଦେଇ ଯିବାବେଳେ ପ୍ରଚୁର ପରିମାଣର ଗେଣ୍ଡାଳିଆ ମୁକ୍ତଭାବେ ବିଚରଣ କରିବା ଦେଖି ଖୁସି ହେଉଥିଲେ। ଏହାସହ କାଞ୍ଜିଆ ହ୍ରଦରେ ବୋଟିଂ କଲାବେଳେ ମଧ ପର୍ଯ୍ୟଟକମାନେ ଏହି ପକ୍ଷୀମାନଙ୍କୁ ଦେଖି ମନୋରଞ୍ଜନ କରିଥାନ୍ତି। ଏସବୁ ପକ୍ଷୀ ଜଙ୍ଗଲିଜନ୍ତୁ ହୋଇଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ଏମାନଙ୍କୁ କେବଳ ଶିକାରି କବଳରୁ ସୁରକ୍ଷା ଦେବା ବ୍ୟତୀତ ଅନ୍ୟ କିଛି ଦାୟିତ୍ୱ ନେଇ ନ ଥାନ୍ତି। କେବଳ ବର୍ଷକୁ ଥରେ ଏଠାରେ ପକ୍ଷୀମାନଙ୍କୁ ଗଣନା କରାଯାଇଥାଏ। ବାତ୍ୟା ପରେ ଏମାନଙ୍କ ବସା ଭାଙ୍ଗିଯାଇଥିବାରୁ ଆଉ ଦେଖିବାକୁ ମିଳୁ ନାହାନ୍ତି ।

# ରାଜଧାନୀରେ ମାତିଲେ ନୂଆ ଲୁଟେରା ଗ୍ୟାଙ୍ଗ୍

ଭୁବନେଶ୍ୱର,୧୯।୫(ବ୍ୟୁରୋ)

■ ପୁଣି ୩ ମହିଳା ଲୁଟ୍‌ର ଶିକାର
■ ତଦନ୍ତରେ ସାମିଲ ହେବ ସ୍ପେଶାଲ ସ୍କ୍ୱାଡ୍ ଟିମ୍ : ଡିସିପି

ରାଜଧାନୀରେ ମାତିଛନ୍ତି ନୂଆ ଲୁଟେରା ଗ୍ୟାଙ୍ଗ। ଏହି ଗ୍ୟାଙ୍ଗ ମୁଖ୍ୟତଃ ନିଛାଟିଆ ସମୟରେ ମହିଳାମାନଙ୍କୁ ଟାର୍ଗେଟ କରୁଛନ୍ତି। ଗତ ୨ଦିନରେ ଏଭଳି ୪ଟି ଲୁଟ ଘଟଣା ଘଟିଛି। ଶନିବାର ରସୁଲଗଡ଼ ଓ ନୟାପଲ୍ଲୀ ଓଭରବ୍ରିଜ ଉପରେ ମହିଳାଙ୍କଠାରୁ ଲୁଟ ପରେ ରବିବାର ଧଉଳି ଏବଂ ଖଣ୍ଡଗିରି ଥାନା ଅଞ୍ଚଳରେ ଆଉ ୨ଟି ଲୁଟ ଘଟଣା ସାମ୍ନାକୁ ଆସିଛି। ଏହି ନୂଆ ଲୁଟେରା ଗ୍ୟାଙ୍ଗ ମାତିବା ସଂକ୍ରାନ୍ତରେ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନେଇଛି ପୋଲିସ। ଏଥିଲାଗି ଯୋଜନା ପ୍ରସ୍ତୁତ ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ଟିମ୍‌କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଲୁଟେରାମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ପୋଲିସ ଆଶା ରଖିଛି।

ସୂଚନା ମୁତାବକ, ରବିବାର ସକାଳ ୯ଟାରେ ଖଣ୍ଡଗିରି ଥାନା ଅଧୀନ ଧର୍ମବିହାର ଅଞ୍ଚଳର ନିରୁପମା ବିଶ୍ୱାଳ ବଜାର ସଉଦା ସାରି ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଟି ବାଇକରେ ଲୁଟେରା ଆସି ତାଙ୍କୁ ପଛପଟୁ ଧକ୍କା ଦେବା ସହ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ସେହିପରି ପୁରୀ ବାଇପାସ୍ ରୋଡ଼ରେ ପ୍ରାତଃ ଭ୍ରମଣ ବେଳେ ୨ଜଣ ମହିଳାଙ୍କୁ ଭୁଜାଲି ଦେଖାଇ ପର୍ସ ଓ ମୋବାଇଲ ଫୋନ୍ ଛଡ଼ାଇ ବାଇକରେ ଫେରାର ହୋଇଯାଇଛନ୍ତି ଲୁଟେରା। ଏ ସଂକ୍ରାନ୍ତରେ ଖଣ୍ଡଗିରି, ଧଉଳି ଏବଂ ଶହୀଦନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶନିବାର ରସୁଲଗଡ଼ ଓଭରବ୍ରିଜ ଏବଂ ନୟାପଲ୍ଲୀ ଓଭରବ୍ରିଜରେ ବାଇକ୍ ଯୋଗେ ଯାଉଥିବା ୨ଜଣ ମହିଳାଙ୍କଠାରୁ ଲୁଟେରାମାନେ ଲୁଟପାଟ କରିଥିଲେ। ଚେନ୍ ଝାମ୍ପିବା ସମୟରେ ୪ଜଣ ଲୁଟେରା ଗାଡ଼ିରୁ ପଡ଼ି ଆହତ ହୋଇଥିଲେ। ଅନ୍ୟପକ୍ଷରେ ପୁରୀ ବାଇପାସ୍ ରୋଡ଼ ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। କଡ଼ା ପାଟ୍ରୋଲିଂ ଅଭାବରୁ ଚୋରି, ଲୁଟ ଘଟଣା ବଢୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଲୁଟେରାଙ୍କ ଆତଙ୍କ ନେଇ ଡିସିପି ସାହୁ କହିଛନ୍ତି, ରାଜଧାନୀରେ ଏକ ନୂଆ ଲୁଟେରା ଗ୍ୟାଙ୍ଗ ଆଡ୍ଡା ଜମାଇଥିବା ପୋଲିସ ପାଖରେ ଖବର ପହଞ୍ଚି ସାରିଛି। ଲୁଟପାଟ ହେଉଥିବା ଅଞ୍ଚଳରେ କଡା ପାଟ୍ରୋଲିଂ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଲୁଟେରାମାନଙ୍କୁ ଗିରଫ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସ୍ପେଶାଲ ସ୍କ୍ୱାଡ୍ ଟିମ ଲୁଟେରାଙ୍କ ଉପରେ ନଜର ରଖିବା ସହ ଲୁଟପାଟ ଘଟଣାର ତଦନ୍ତରେ ସହଯୋଗ କରିବ।

## ସ୍କୁଟି ଚୋରି ବେଳେ ଧରାପଡ଼ି ମାଡ଼ ଖାଇଲେ

**ଭୁବନେଶ୍ୱର,୧୯।୫(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଧୀନ ଶିଳ୍ପାଞ୍ଚଳର ଏକ କବାଡ଼ିଆ ଦୋକାନରୁ ସ୍କୁଟି ଚୋରି ବେଳେ ଜଣେ ବ୍ୟକ୍ତି ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ପରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି। ସେ ହେଲେ ଏହି ଥାନା ଅଧୀନ ମୁଣ୍ଡାବସ୍ତିରେ ରହୁଥିବା ପଶ୍ଚିମବଙ୍ଗ ରାମଘାଟ ଅଞ୍ଚଳର ମୁକେଶ ଚୌଧୁରୀ। ଶନିବାର ରାତିରେ ମୁକେଶ ସ୍ଥାନୀୟ ମାୟାଶଙ୍କର ଗୁପ୍ତାଙ୍କ କବାଡ଼ିଆ ଦୋକାନ ହତା ଭିତରକୁ ପଶିଥିଲେ। ସମସ୍ତ କର୍ମଚାରୀ ଶୋଇଥିବା ସୁଯୋଗରେ ହତା ଭିତରୁ ଏକ ଆକ୍ଟିଭା ସ୍କୁଟି ଧରି ଚମ୍ପଟ ମାରିଥିଲେ। ଗାଡ଼ି ଷ୍ଟାର୍ଟ ଶବ୍ଦ ଶୁଣି କେତେଜଣ କର୍ମଚାରୀ ଉଠି ଦେଖିବା ପରେ ତାଙ୍କ ପିଛା କରିଥିଲେ। ସେମାନେ ରସୁଲଗଡ଼ ଛକ ନିକଟରେ ମୁକେଶଙ୍କୁ କାବୁ କରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ କେସ୍ (ନଂ. ୧୮୯/୧୯) ରୁଜୁ କରିଛି।

### ଧାନ ଉଜୁଡ଼ିଯିବାରୁ ଯୁବଚାଷୀଙ୍କ ଆତ୍ମହତ୍ୟା

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**କଣାସ,୧୯।୫(ଡି.ଏନ୍.ଏ.)**

ସାମୁଦ୍ରିକଝଡ଼ ଫନୀ ପ୍ରଭାବରେ ଧାନଚାଷ ଉଜୁଡିଯାଇଥିବାରୁ କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର(କଣ୍ଟପଡ଼ା) ଗ୍ରାମର ଯୁବଚାଷୀ ବିଶ୍ୱନାଥ ଦଳେଇ(୩୦) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ତ୍ରିଲୋଚନପୁର ଛକରେ ମୃତଦେହ ରଖି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, ଗତ ୩ତାରିଖରେ ହୋଇଥିବା ବାତ୍ୟାରେ ବିଶ୍ୱନାଥଙ୍କ ୨ଏକର ଜମିରେ ଥିବା ଖରାଟିଆ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ଏତେ ପରିମାଣର ଚାଷ ନଷ୍ଟ ହୋଇଯିବା ସହି ନପାରି ବିଶ୍ୱନାଥ ୮ତାରିଖରେ କୀଟନାଶକ ବିଷ ପିଇ ଦେଇଥିଲେ। ପରେ ପରିବାର ଲୋକେ ଜାଣି ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭୁବନେଶ୍ୱର ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ।


ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

କିନ୍ତୁ ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ମୃତ ଚାଷୀ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ଶୁଦ୍ଧିକ୍ରିୟା ପାଇଁ ଆପଦକାଳୀନ ସହାୟତା ଦାବିକରି କଣ୍ଟପଡ଼ା ଓ ତ୍ରିଲୋଚନପୁର ଗ୍ରାମର ଶତାଧିକ ପୁରୁଷ ଓ ମହିଳା ତ୍ରିଲୋଚନପୁର ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ତହସିଲଦାର ସହଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ତଥାପି ନ ଶୁଣିବାରୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ ସହ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ମଞ୍ଜୁର ପାଇଁ ପୁରୀ ଜିଲାପାଳଙ୍କ ସହ ଆଲୋଚନା କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଏ ଘଟଣାର କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ବେହେରା ତଦନ୍ତ ଚଳାଇଛନ୍ତି।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ରବିଧାନ କ୍ରୟ ପାଇଁ ମାନ ନିର୍ଣ୍ଣୟ ପ୍ରଶିକ୍ଷଣ

**ବାଙ୍କୀ,୧୯।୫(ବି.ପ୍ର.):** ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ରବି ଧାନ କ୍ରୟ ପାଇଁ ଧାନର ମାନ ନିର୍ଣ୍ଣୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ଯୋଗାଣ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ଉପସହକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ, ସମବାୟ ସମ୍ପ୍ରସାରଣ ଅଧିକାରୀ ଅଜୟ ରାଉତ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। କଟକ ଜିଲା ପାଇଁ ସୋମବାରଠାରୁ ଧାନ କିଣାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ବିଭିନ୍ନ ସମବାୟ ସମିତି ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ।

### ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଋଣ ସମ୍ପର୍କିତ ବୈଠକ

**ସାଲେପୁର,୧୯।୫(ଡି.ଏନ.ଏ.):** ସାଲେପୁର ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ପରିସରରେ ଋଣ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଜଗତ୍‌ସିଂହପୁର ରିଜନ୍‌ର ରିଜିଓନାଲ୍ ମ୍ୟାନେଜର୍ ପ୍ରଦୀପ ରଥ, ଚିଫ୍ ମ୍ୟାନେଜର ସୁଶାନ୍ତ ବେହେରା, ଆବଣ୍ଟନକାରୀ ମ୍ୟାନେଜର ପ୍ରଶାନ୍ତ ପଣ୍ଡା, କ୍ଷେତ୍ର ପରିଚାଳକ ସୁକ୍ତି ବୈଶାଖ, ଶୁଭ୍ରାଂଶୁ ଶେଖର ବେହେରା ଓ ତାପସ ପାତ୍ରଙ୍କ ସମେତ ବ୍ୟାଙ୍କ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ। ବ୍ୟାଙ୍କ୍ ଜମାକାରୀ ସଚ୍ଚିଦାନନ୍ଦ ମିଶ୍ର, ସାଲେପୁର ଭୂୟାଁ ନ୍ୟୁଜ୍ ଏଜେନ୍‌ସିର ସତ୍ତ୍ୱାଧିକାରୀ ବିବେକାନନ୍ଦ ଭୂୟାଁଙ୍କ ସମେତ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବାତ୍ୟା ଫନି ପରେ ଦ୍ୱିତୀୟ ପର୍ଯ୍ୟାୟରେ ୭ ସ୍ୱୟଂସହାୟକ ଗୋଷ୍ଠୀର ଲୋନ୍ ଆକାଉଣ୍ଟକୁ ରିନିୱାଲ୍ କରାଯାଇ ପ୍ରତ୍ୟେକ ଗୋଷ୍ଠୀକୁ ପୁନଶ୍ଚ ୧ଲକ୍ଷରୁ ଅଧିକ ଟଙ୍କାର ଋଣ ଦେବା ସହିତ ମୋଟ୍ ୧୬ଲକ୍ଷ ଟଙ୍କା ଓ ଅନ୍ୟ ୨୦ଜଣଙ୍କୁ ୩୦ଲକ୍ଷ ଟଙ୍କାର ମୁଦ୍ରା ଲୋନ୍ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪ଲକ୍ଷ ଟଙ୍କା ଓ ଅନ୍ୟ ୪ଜଣଙ୍କୁ ମୋଟ୍ ୫ଲକ୍ଷ ୫୦ହଜାର ଟଙ୍କାର ମୁଦ୍ରା ଋଣ ପ୍ରଦାନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ

**ନେମାଳ,୧୯।୫(ଡି.ଏନ.ଏ.):** ବାତ୍ୟା ଫନୀ ପରେ ନେମାଳ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ ହୋଇଛି। ନେମାଳଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ଠିକ୍ ଭାବେ ହୋଇ ନ ଥିବାରୁ ସେବା ବନ୍ଦ୍ ହୋଇଯାଇଛି। ଫଳରେ ବହୁ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାତ୍ୟା ଯିବାର ୨ ସପ୍ତାହ ପରେ ମଧ ବିଏସ୍‌ଏନ୍‌ଏଲ୍ ସେବା ପ୍ରତି କାହାରି ଦୃଷ୍ଟି ପଡୁ ନ ଥିବାରୁ ଟେଲିଫୋନ୍ ଯୋଗାଯୋଗ ସହିତ ଇଣ୍ଟରନେଟ୍‌ସେବା, ବ୍ୟାଙ୍କିଙ୍ଗ, ସରକାରୀ ଅଫିସ, କଲେଜ ଆଦି କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଏହାର ମରାମତି କରିବାକୁ ଦାବି ହୋଇଛି।

# ଶୃଙ୍ଖଳିତ ହେଲା ସାନି ମତଦାନ

## ଆଠଗଡ଼ରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଆଠଗଡ଼,୧୯।୫(ସ୍ୱ.ପ୍ର.)**

ଏପ୍ରିଲ ୨୩ରେ ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନବେଳେ ଶାସକଦଳ କେତେକ ବୁଥ ଜବରଦଖଲ କରିଥିବା ବିରୋଧୀ ଅଭିଯୋଗ କରିଥିଲେ। ଏହାପରେ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ୯୦- ଖୁଣ୍ଟକଟା, ୧୦୦- ସଠିଲୋ, ୧୩୭, ୧୩୮-ରାଜନଗର ବୁଥ୍‌ରେ କଡ଼ା ସୁରକ୍ଷାରେ ନିର୍ବାଚନ ହୋଇଛି। ନିର୍ଦ୍ଧାରିତ ସମୟରେ ଖୁଣ୍ଟକଟା ପ୍ରାଥମିକ ବିଦ୍ୟାଳୟ, ସଠିଲୋ ମଧଇଂରାଜୀ ପ୍ରାଥମିକ ବିଦ୍ୟାଳୟ ଓ ରାଜନଗର ୟୁଜିଏମ୍‌ଇ ପରିସରରେ ଉପୋରକ୍ତ ବୁଥ୍ ପାଇଁ ଭୋଟଗ୍ରହଣ ହୋଇଥିଲା। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଲୋକ ରାୟଙ୍କ ନେତୃତ୍ୱ ଓ ଆଠଗଡ ଥାନା ଅଧିକାରୀ, ଗୁରୁଡି ଝାଟିଆ ଥାନା ଅଧିକାରୀ, ଖୁଣ୍ଟୁଣୀ ଥାନା ଅଧିକାରୀ, ତିଗିରିଆ ଥାନା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ସେକ୍ସନ୍ କେନ୍ଦ୍ରୀୟ ସୁରକ୍ଷାବଳ, ୪ସେକ୍ସନ୍ ଭାରତୀୟ ସୁରକ୍ଷାବଳ, ୭ସେକ୍ସନ୍ ଓଡିଶା ରାଜ୍ୟ ସଶସ୍ତ୍ର ପୋଲିସ୍ ନିଯୁକ୍ତ ହୋଇଥିଲେ। ପରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ଉପସ୍ଥିତ ରହି ପୋଲିସ୍ ସରଞ୍ଜନାର ପରୀକ୍ଷଣ କରିଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏଲ୍.କେ.ପାଟିଲ୍ ଉପସ୍ଥିତ ରହି ବୁଥ୍‌ଗୁଡିକର ପରିଚାଳନା ପର୍ଯ୍ୟବେକ୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଉପଜିଲାପାଳ ତଥା ରିଟର୍ନିଂ ଅଫିସର୍ ଅମୀୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୩୭,୧୩୮ନଂ ବୁଥ୍‌ରେ ସ୍ୱାଧୀନ ପ୍ରାର୍ଥୀ ଅଭୟ ବାରିକ ଓ ଭାଜପା ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ନିର୍ବାଚନ ପ୍ରତିନିଧି ପ୍ରମୋଦ ରାୟଙ୍କ ସହିତ ଶାସକ ଦଳର ସମର୍ଥକଙ୍କ ମଧ୍ୟରେ ବଚସା ହୋଇଥିଲା। ପୋଲିସ ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ମୋଟା ମୋଟିଭାବେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ଖୁଣ୍ଟକଟା ବୁଥ୍‌ରେ ୧୦୧୩ ଭୋଟରଙ୍କ ମଧ୍ୟରୁ ୭୪୧ ଭୋଟର୍ ମତଦାନ କରିଥିଲେ। ଗତ ନିର୍ବାଚନରରେ ଏହି ବୁଥ୍‌ରେ ୭୫୩ ମତଦାତା ମତଦାନ କରିଥିଲେ। ସଠିଲୋ ବୁଥ୍‌ରେ ୧୦୩୩ ଭୋଟରଙ୍କ ମଧ୍ୟରୁ ୮୯୭ ଭୋଟର୍ ମତଦାନ କରିଥିଲେ। ଗତ ନିର୍ବାଚନରେ ଏହି ବୁଥ୍‌ରେ ୮୭୫ ମତଦାତା ମତ ସାବ୍ୟସ୍ତ କରିଥିଲେ। ସେହିପରି ରାଜନଗର ବୁଥ୍‌ରେ ୨୩୫୦ ଭୋଟରଙ୍କ ମଧ୍ୟରୁ ୧୭୦୩ ଜଣ ମତଦାତା ମତଦାନ କରିଥିଲେ। ଗତ ନିର୍ବାଚନରେ ଉକ୍ତବୁଥ୍‌ରେ ୧୮୦୫ଜଣ ମତଦାତା ମତସାବ୍ୟସ୍ତ କରିଥିଲେ। ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍ ଓ ଭିଭିପିଏଟିକୁ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌କୁ ନିଆଯାଇଥିଲା।

## ଗୁଜରପୁରରେ ମତଦାନ

**ସାଲେପୁର,୧୯।୫(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଗୁଜରପୁର ପଞ୍ଚାୟତର ୮୭ନଂ ବୁଥ୍‌ରେ ରବିବାର ସାନି ମତଦାନ ଶୃଙ୍ଖଳିତଭାବେ ଶେଷ ହୋଇଛି। ଗୁଜରପୁର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ନିର୍ଦ୍ଧାରିତ ସମୟରେ ଭୋଟର ମତଦାନ କରିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ବୁଥ୍ ଅଧୀନରେ ୧୨୮୦ ଭୋଟର ରହିଥିବାବେଳେ ୯୯୧ଭୋଟର ମତଦାନ କରିଛନ୍ତି। ପ୍ରାୟ ୭୭.୪୨ପ୍ରତିଶତ ମତଦାନ ହୋଇଥିବା ସାଲେପୁର ବିଡିଓ କିଶୋର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ମାହାଙ୍ଗା ବ୍ଲକରେ ୭୮% ଭୋଟିଂ

**ମାହାଙ୍ଗା,୧୯।୫(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଞ୍ଚଳରେ ଏପ୍ରିଲ ୨୯ରେ ହୋଇଥିବା ସାଧାରଣ ନିର୍ବାଚନରେ ବିଭିନ୍ନକାରଣରୁ ୪ ବୁଥର ନିର୍ବାଚନ ବାତିଲ ହୋଇଥିଲା। ଏ ସବୁ ବୁଥରେ ରବିବାର ସାନି ମତଦାନ ହୋଇଛି। ଏହି ମତଦାନ ହାର ୭୮%ରୁ ଊର୍ଦ୍ଧ୍ୱ ହୋଇଥିବା ଜଣାପଡ଼ିଛି। ମଉଦା ପଞ୍ଚାୟତର ୫୭ ଏବଂ ୫୮ ନମ୍ବର ୨ଟି ବୁଥରେ ମତଦାନ ହୋଇଥିଲାବେଳେ ୫୭ ନଂ ବୁଥରେ ୭୨.୯୭% ମତଦାନ ହୋଇଛି। ଏଠାରେ ମୋଟ ଭୋଟର ସଂଖ୍ୟା ୧୩୦୯ ଥିବାବେଳେ ୯୫୫ ଜଣ ମତଦାନ କରିଛନ୍ତି। ସେହିପରି ୫୮ ନଂ ବୁଥରେ ୮୩.୮୧% ମତଦାନ ହୋଇଛି। ଏଠାରେ ୧୨୭୫ ଭୋଟର ଥିବା ବେଳେ ୧୦୬୬ ଜଣ ମତଦାନ କରିଛନ୍ତି। ସେହିପରି ନାହାଙ୍ଗ ପଞ୍ଚାୟତର ନାହାଙ୍ଗ ୧୫୭ ନଂ ବୁଥରେ ୭୫.୪୧% ମତଦାନ ହୋଇଛି। ଏଠାରେ ୧୨୨୪ ମତଦାତାଙ୍କ ମଧ୍ୟରୁ ୯୨୩ ଜଣ ମତଦାନ କରିଛନ୍ତି। ଅନୁରୂପଭାବେ ଓଷଙ୍ଗ ପଞ୍ଚାୟତ ବଇଁଚୁଆ ୧୪୪ ନମ୍ବର ବୁଥରେ ୮୩.୫୨% ମତଦାନ ହୋଇଛି। ଏହି ବୁଥରେ ୫୪୬ ଜଣ ମତଦାତାଙ୍କ ମଧ୍ୟରୁ ୪୫୬ ଜଣ ମତଦାନ କରିଛନ୍ତି। ୪ ପ୍ଲାଟୁନ ଫୋର୍ସ, ଜଣେ ଡିଏସପି, ୩ ଜଣ ଇନ୍ସପେକ୍ଟର, ୪ ଜଣ ସବଇନ୍ସପେକ୍ଟର, ୪ଜଣ ଆସିଷ୍ଟାଣ୍ଟ ଅଫିସର ସୁଚାରୁ ରୂପେ ଭୋଟ ପରିଚାଳନା କରିଥିବା ବ୍ଲକ୍ ନିର୍ବାଚନ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଲଳିତଗିରିରେ ବୁଦ୍ଧ ଜୟନ୍ତୀ

**ଲଳିତଗିରି,୧୯।୫(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରିଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଇଛି। ବୁଦ୍ଧାୟନ ଅନୁଷ୍ଠାନ ପକ୍ଷରୁ ସଭାପତି ପ୍ରଦୀପ୍ତ ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅନୁଷ୍ଠାନ ସମ୍ପାଦକ ଦେବେନ୍ଦ୍ର ସାହୁ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଶରତ ଚନ୍ଦ୍ର କର, ସମ୍ମାନିତ ଅତିଥି ଖବରଦାତା ସୁମନ୍ତ ଜେନା ଯୋଗଦେଇ ବୁଦ୍ଧଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ରୁଦ୍ରନାରାୟଣ ସିଂହ, ରଘୁନାଥ ଶତପଥୀ, ସ୍ମୃତିରେଖା ବେହେରା, ମହେନ୍ଦ୍ର ରାଉତ, ଅଲେଖ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଭାଗ୍ୟଧର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବୁଦ୍ଧ ଜୟନ୍ତୀ ପରିଷଦ ଆନୁକୂଲ୍ୟରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଛି। ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହଙ୍କ ଅକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଓଡିଶା ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଜଷ୍ଟିସ ଡି.ପି ଚୌଧୁରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ମୋହନ ଜେନା ଏବଂ ସମ୍ମାନିତ ଅତିଥି ଚୌ ପ୍ରଭାତ କେଶରୀ ମିଶ୍ର ଏବଂ ଆଇନଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ନଦା ପ୍ରସାଦ ସିଂହ ଧନ୍ୟବାଦ ଦେଇଥିଲେ।




ମାହାଙ୍ଗାର ଏକ ବୁଥ୍‌ରେ ମତଦାନ କରିବାକୁ ଆସିଥିବା ମହିଳା ଓ ପୁରୁଷ ଭୋଟରମାନେ ଲମ୍ବାଧାଡ଼ିରେ ଛିଡା ହୋଇଛନ୍ତି।



ଆଠଗଡ଼ର ଏକ ବୁଥ୍‌ରେ ମହିଳାମାନେ ଭୋଟଦେବାକୁ ଧାଡ଼ିବାନ୍ଧି ଛିଡା ହୋଇଛନ୍ତି।

## 'ସୁନ୍ଦର ପ୍ରଶ୍ନଟିଏ' ଉପରେ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ବାଙ୍କୀ,୧୯।୫(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ପଞ୍ଚାୟତ ମଇଜୋରି ବହୁମୁଖି ବନ୍ୟାବାତ୍ୟା ଆଶ୍ରୟସ୍ଥଳଠାରେ ରବିବାର ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିବେକୋଚିତ ତ୍ୟାଗ ସମାଜ ଆନୁକୂଲ୍ୟରେ ଆଲେଖ ପ୍ରସଙ୍ଗ 'ସୁନ୍ଦର ପ୍ରଶ୍ନଟିଏ' ଉପରେ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ସାମାଜିକ କର୍ମୀ ଚିନ୍ତାମଣି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅନୁଷ୍ଠାନର ଆବାହକ ଅଶୋକ ସେଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ସୁନୀଲ୍ ମିଶ୍ର, ଖବରଦାତା ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେଶ ବେହେରା ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ପାଶ୍ଚାତ୍ୟ ସଭ୍ୟତାର ଅନୁସରଣ ଫଳରେ ଭାରତୀୟ ସଂସ୍କୃତି ମୂଲ୍ୟବୋଧର ହ୍ରାସ, ବୈଜ୍ଞାନିକ ମନୋବୃତ୍ତି, ବୈଦିକ ସଭ୍ୟତା, ଦେଶଜ ବସ୍ତୁର ବ୍ୟବହାର ଉପରେ ବକ୍ତା ସୁଚିନ୍ତିତ ମତାମତ ରଖିଥିଲେ। ପ୍ରଫୁଲ୍ଲ ମହାପାତ୍ର, ମନୋଜ ଦଳେଇ, ରଣଜିତ ସେଠ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଜୟ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ବୈକୁଣ୍ଠନାଥ ବେହେରା ଧନ୍ୟବାଦ ଦେଇଥିଲେ। କୁରୁମୁ ଚଇନି, ବାଇଗେଣି, ମୁଣ୍ଡଳୀ, ମଇଜୋରି, ବୋତଲମା ଓ ଗୋପରୁ ଶତାଧିକ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ଏ ପ୍ରକାର ଆଲୋଚନାଚକ୍ର ସମାଜ ପାଇଁ ମହତ୍ତ୍ୱ ବହନ କରିବ ବୋଲି ବକ୍ତବ୍ୟ ରଖିଥିଲେ।

## ତାଳପତ୍ର ପୋଥି ସଂରକ୍ଷଣ ସମ୍ପର୍କିତ କର୍ମଶାଳା

**ବାଙ୍କୀ,୧୯।୫(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରବିବାର ତାଳପତ୍ରରେ ଲିଖିତ ପୋଥି ସଂରକ୍ଷଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକସ୍ଥ ବ୍ରହ୍ମପୁରା ପଞ୍ଚାୟତ ମାଳବିହାରୀପୁର ଗ୍ରାମର ମା'ବୁଢ଼ୀ ଠାକୁରାଣୀ ଯୁବ କ୍ଲବ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କର୍ମଶାଳାରେ ବାଙ୍କୀ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରାଚୀନ ତଥା ପୌରାଣିକ ଯୁଗରେ କାଗଜର ବ୍ୟବହାର ନ ଥିଲାବେଳେ ତାଳପତ୍ରକୁ ଶୁଖାଇ ସେଥିରେ ଲେଖନୀ ମାଧମରେ ରାମାୟଣ, ମହାଭାରତ, ବିଭିନ୍ନ ପୂରାଣ, ଅର୍ଥଶାସ୍ତ୍ର ଓ ଚିକିତ୍ସା ଶାସ୍ତ୍ର ଉପରେ ମୁନୀଋଷି ଏବଂ ପଣ୍ଡିତମାନେ ବିଭିନ୍ନ ଭାଷାରେ ଲେଖୁଥିଲେ। ଆଜିର ଯୁଗରେ ତାହା ବିରଳ ବୋଲି ପ୍ରାଧ୍ୟାପକ ମହାପାତ୍ର କହିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଦାସ ଯୋଗଦାନ କରି ଏପରି କର୍ମଶାଳାକୁ ପ୍ରଶଂସା କରିଥିଲେ। ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧାପକ ସତ୍ୟଜିତ୍ ଦାସ ପୋଥିକୁ କିପରି ସଂରକ୍ଷଣ କରାଯିବ ତା' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୋଥିରଖିଥିବା ଗ୍ରାମର ବହୁବ୍ୟକ୍ତି ଯୋଗଦାନ କରିଥିଲେ।

## ଝାଜିଆ ବୁଥରେ ସାନି ମତଦାନ

**ବଡ଼ମ୍ବା,୧୯।୫(ଡି.ଏନ.ଏ.)**

ବଡ଼ମ୍ବା ନିର୍ବାଚନମଣ୍ଡଳୀ ଅଧୀନ ଝାଜିଆ ଗ୍ରାମର ୧୯୬ ନଂ ବୁଥରେ ରବିବାର ସାନି ମତଦାନ ହୋଇଛି। ଏଠାରେ ଥିବା ୧୧୯୧ ଭୋଟରଙ୍କ ମଧ୍ୟରୁ ୮୯୩ ଭୋଟର ମତଦାନ କରିଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗତ ନିର୍ବାଚନବେଳେ ଏଠାରେ ଇଭିଏମ୍‌ରେ ତ୍ରୁଟି ହୋଇଥିଲା। ଫଳରେ ଭୋଟ୍ ବନ୍ଦ ରହିଥିଲା।

## କ୍ଷୟକ୍ଷତି ଆକଳନରେ ଚାଷୀ ଅସନ୍ତୁଷ୍ଟ

**ତିଗିରିଆ,୧୯।୫(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ତିଗିରିଆ ବ୍ଲକ ଅଞ୍ଚଳରେ ବ୍ୟାପକ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଏବେ ପ୍ରଶାସନ ପକ୍ଷରୁ ଏ ସବୁ ଫସଲର କ୍ଷୟକ୍ଷତି ଆକଳନ କରାଯାଉଛି। ହେଲେ ଏହି ଆକଳନରେ ବଡ଼ନାଉପୁଟ ପଞ୍ଚାୟତର ଚାଷୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଉଦ୍ୟାନ, କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ ଜାରି ରହିଥିବା ବେଳେ ଚାଷୀଙ୍କ ଉଜୁଡ଼ା କ୍ଷେତର ପରିମାଣକୁ କର୍ମଚାରୀ ଅନୁଧ୍ୟାନ କରୁଛନ୍ତି। ଏଥି ସହିତ ଉଜୁଡ଼ା କ୍ଷେତ ଫଟୋକୁ ମଧ ସଂରକ୍ଷିତ କରାଯାଉଥିବା ଜଣାପଡ଼ିଛି। ଝଡ଼ ବେଳକୁ ପଞ୍ଚାୟତର ଶହଶହ ଚାଷୀ କଲରା, ଜହ୍ନି ଓ କାକୁଡ଼ି ଆଦି ଚାଷ ଆରମ୍ଭ କରିଥିଲେ। କଲରା ଓ ଜହ୍ନି ବିହନ ଶହେ ଗ୍ରାମକୁ ପ୍ରାୟ ୯୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଦେଇ କିଣିଥିଲେ। ବିହନ ଗଜା ହେଉଥିବା ବେଳେ ସେସବୁ ବର୍ଷାମାଡ଼ରେ ଉଜୁଡ଼ିଗଲା। ଚାଷୀ କ୍ଷେତରେ ଚାଷ ନିଶ୍ଚିହ୍ନ ହୋଇଗଲା। ହେଲେ ଉଜୁଡ଼ା କ୍ଷେତର ଫଟୋକୁ ଏବେ ଦେଖାଇବା ସମ୍ଭବ ହେଉ ନ ଥିବା ବେଳେ ଚାଷୀ ସରକାରୀ ସହାୟତା ଆଶାରେ ନିଜ କ୍ଷତିକୁ ଆବେଦନ କରିପାରୁନାହାନ୍ତି। ଚାଷୀଙ୍କ କହିବା ଅନୁସାରେ, ଏବେ ବଜାରରେ ଶହେ ଗ୍ରାମ ପ୍ୟାକଟର କଲରା ବିହନକୁ ୯୦୦ଟଙ୍କା, ଜହ୍ନି ୧୦୦୦ ଟଙ୍କା ଓ କାକୁଡ଼ି ବିହନ ପ୍ୟାକେଟ ଶହେ ଗ୍ରାମକୁ ୨୫୦ଟଙ୍କାରେ କିଣିବାକୁ ପଡୁଛି। ତା ସହିତ କୃଷି ଭିତ୍ତିକ ଶ୍ରମ, ଜଳସେଚନ, ସାର ଓ ଔଷଧ ଆଦି ବାବଦରେ ବହୁ ଅର୍ଥ ବିନିଯୋଗ ହୋଇଛି। କିନ୍ତୁ ଏବେ କ୍ଷୟକ୍ଷତି ଆକଳନରେ ସେସବୁ ଅନ୍ତର୍ଭୁକ୍ତ ହେବାରେ ସମସ୍ୟା ଉପୁଜିଛି। ତେଣୁ ସରକାର ଏ ସବୁର ବିଚାର କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

## ମାଣିଆବନ୍ଧର କଳା, ଐତିହ୍ୟ ଆଲୋଚନା

**ବୁଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟା**

**ବଡ଼ମ୍ବା,୧୯।୫(ଡି.ଏନ.ଏ.)**

ମାଣିଆବନ୍ଧସ୍ଥିତ ବୌଦ୍ଧ ବ୍ୟାଖାନ କେନ୍ଦ୍ର ପରିସରରେ ଚାଲିଥିବା ମାଣିଆବନ୍ଧ ୯ମ ବୁଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ଏସଡିଏମ୍‌ଓ ବିଜୟ କୁମାର ମିଶ୍ର, ସମ୍ମାନିତ ବକ୍ତା ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ମାଣିଆବନ୍ଧର କଳା, ଐତିହ୍ୟ ଓ ପ୍ରସିଦ୍ଧ ଉପରେ ସୂଚନା ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ଚକ୍ରଧର ଦଳେଇ କାର୍ଯ୍ୟକ୍ରମେର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅଜିତ୍ ପ୍ରସାଦ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଦିନ ଭଳି ମାଣିଆବନ୍ଧସ୍ଥିତ ପ୍ରତ୍ୟେକ ବୁଦ୍ଧ ମନ୍ଦିରରେ ସକାଳ ଓ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରସାଶନ ଓ ମାଣିଆବନ୍ଧ ବୌଦ୍ଧ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ବାଙ୍କୀର ଆର୍ଯ୍ୟାନ୍ ଡ୍ୟାନ୍‌ସ ଗ୍ରୁପ୍ ଓ ସମ୍ବଲପୁରର ବଜନୀୟା ଗ୍ରୁପ୍‌ଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମହୋତ୍ସବକୁ ସରସ ସୁନ୍ଦର କରିଥିଲା।



ବୁଦ୍ଧ ମହୋତ୍ସବର ୩ୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର

**ତିଗିରିଆ,୧୯।୫(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମର ଆରାଧ୍ୟ ଶ୍ରୀମଦନମୋହନ ଜୀଉଙ୍କ ପୁରାତନ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଯାତ୍ରା ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏବେଠାରୁ ମୂର୍ତ୍ତି ନିର୍ମାଣ ଓ ଠାକୁରଙ୍କ ବିଭିନ୍ନ ସେବାନୀତି ପାଇଁ ଗ୍ରାମ ଚଳଚଞ୍ଚଳ ହୋଇ ଉଠିଛି। ଗ୍ରାମ ପରିଚାଳନା କମିଟି ନିଷ୍ପତ୍ତି କ୍ରମେ ଯାତ୍ରାର ରୂପରେଖ ଚୂଡ଼ାନ୍ତ ହୋଇଛି। ପ୍ରାଥମିକଭାବେ ଏବେ ଗ୍ରାମର ୧୮ ସାହିରେ ମୃଣ୍ମୟ ପ୍ରତିମା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶିଳ୍ପୀଙ୍କ ଦ୍ୱାରା ଦୋମାଟିଆ କାର୍ଯ୍ୟ ଚାଲିଛି। ସାହିର ମେଢ଼ କମିଟି ଗୁଡ଼ିକର ସଦସ୍ୟ ବେଶ ଉତ୍ସାହର ସହିତ ମଣ୍ଡପ ନିର୍ମାଣ ଏବଂ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ୨୬ରୁ ମଦନମୋହନଙ୍କ ନଗର ପରିକ୍ରମା ଆରମ୍ଭ ହୋଇ ୨୮ରେ ଚନ୍ଦନ ପୋଖରୀରେ ମାଛବିନ୍ଧା ପର୍ବ ଅନୁଷ୍ଠିତ ହେବ। ପରେ ଯାତ୍ରା ଉଦ୍‌ଯାପନ ହେବ ବୋଲି ଗ୍ରାମ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏଣେ ବିଜେସ୍ଥଳରେ ଅକ୍ଷୟ ତୃତୀୟାଠାରୁ ମଦନ ମୋହନଙ୍କ ସ୍ୱତନ୍ତ୍ର ସେବାନୀତି ଚାଲୁ ରହିଛି। ଚନ୍ଦନ ପୂର୍ଣ୍ଣମାଠାରୁ ଠାକୁରଙ୍କ ଡଙ୍ଗା ଗ୍ରାମ ପରିକ୍ରମା କରି ଚନ୍ଦନ ପୋଖରୀରେ ଅବସ୍ଥାନ କରିଛନ୍ତି। ଦ୍ୱିତୀୟା ଦିନଠାରୁ ଠାକୁରଙ୍କ ଡଙ୍ଗା ଚାପ ସ୍ପର୍ଶ ହେବା ପରେ ତୃତୀୟା ଦିନଠାରୁ ଅର୍ଥାତ୍ ମଙ୍ଗଳବାର ଅପରାହ୍ନରେ ଡଙ୍ଗା ସ୍ପର୍ଶ କରି ବୁଧବାର ଦିନଠାରୁ ଚାପ ଖେଳ ଆରମ୍ଭ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



କାରିଗରମାନେ ମୂର୍ତ୍ତି ନିର୍ମାଣ କରୁଛନ୍ତି।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ■ଫେରିବ ବାଲୁଖଣ୍ଡର ସବୁଜିମା

# ୫ ହଜାର ହେକ୍ଟର ଅଞ୍ଚଳରେ ହେବ ଚାରାରୋପଣ

**ପୁରୀ ଅଫିସ, ୧୯।୫**

■ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରୁ ଆସିବ ଝାଉଁ ଚାରା

■ହରିଣଙ୍କ ଗତିବିଧି ଜାଣିବାକୁ ଲଗାଯାଇଛି ୬୦ ଟ୍ରାପ୍ କ୍ୟାମେରା

ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରଳୟଙ୍କରୀ ବାତ୍ୟା ଫନୀ ମୋଡି ମକଚି ଦେଇଛି ଏହି ଅଭୟାରଣ୍ୟକୁ। ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯାଇଛି ଜଙ୍ଗଲ। ଗଛ ଭାଙ୍ଗିଯାଇଥିବା ବେଳେ ବିପନ୍ନ ହୋଇପଡ଼ିଛନ୍ତି ବନ୍ୟଜନ୍ତୁ। ଥୁଣ୍ଟା ଗଛ ଏବଂ ଶୁଖିଲା ଡାଳପତ୍ରରେ ଭରିଯାଇଛି ଅଭୟାରଣ୍ୟ। ତେବେ ପୁଣି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛି ପୁରୀ ବନ ବିଭାଗ। ବାଲୁଖଣ୍ଡ ଅଭୟାରଣ୍ୟର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଯୋଜନା ସମ୍ପର୍କରେ ଧରିତ୍ରୀକୁ ସ୍ୱତନ୍ତ୍ର ପ୍ରତିକ୍ରିୟା ଦେଇ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ବାତ୍ୟା ପରେ ବାଲୁଖଣ୍ଡରେ ହରିଣଙ୍କ ସ୍ଥିତିକୁ ପରଖିବା ଲାଗି ଦୁଇପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଛି। ଡ୍ରୋନ୍ ଏବଂ ଟ୍ରାପ୍ କ୍ୟାମେରା ବ୍ୟବହାର କରାଯାଇ ହରିଣଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଗତ ୧୬ ଏବଂ ୧୭ ତାରିଖ ଦୁଇଦିନ ଧରି ଡ୍ରୋନ୍ ସର୍ଭେ କରାଯାଇଥିଲା। ଏଥିରେ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ହରିଣଙ୍କ ଉପସ୍ଥିତି ଜଣାପଡ଼ିଛି। ସେହିପରି ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୬୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ବିଶେଷକରି ରାତିରେ ହରିଣ ଦଳ ଦଳ ହୋଇ ଚରିବାକୁ ଆସୁଥିବା କ୍ୟାମେରାରେ କଏଦ୍ ହୋଇଛି। ଏଥିରୁ ଯାହା ଜଣାପଡୁଛି ଅଭୟାରଣ୍ୟର ନିର୍ଦ୍ଦିଷ୍ଟ ସ୍ଥାନରେ ନୁହେଁ, ବିଭିନ୍ନ ସ୍ଥାନରେ ହରିଣ ପଲ ଖେଳାଇ ହୋଇ ରହିଛନ୍ତି। ଦିନରେ ପ୍ରବଳ ଖରା ହେଉଥିବାରୁ ହରିଣ ପଲ ଛାଇ ଦେଖି ବିଶେଷକରି ଭଙ୍ଗା ଡାଳ ତଳେ ରହିଯାଉଛନ୍ତି। ରାତି ହେଲେ ସେମାନେ ଦଳ ଦଳ ହୋଇ ବାହାରି ଚରୁଛନ୍ତି, ଯାହା ଟ୍ରାପ୍ କ୍ୟାମେରାରୁ ଜଣାପଡୁଛି। ଗୋଟିଏ ଦଳରେ ପ୍ରାୟ ୨୦ରୁ ୨୫ ହରିଣ ରହୁଥିବା ଉଦ୍‌ଗାତା ସୂଚନା ଦେଇଛନ୍ତି।

ବାତ୍ୟାରେ ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳରେ ଗଛ ନଷ୍ଟ ହୋଇଛି। ତେଣୁ ଏହି ୫ ହଜାର ହେକ୍ଟର ଅଞ୍ଚଳରେ ଚାରା ରୋପଣ କରାଯିବା ଲାଗି ଯୋଜନା କରିଛୁ। ଏ ନେଇ ସରକାରଙ୍କୁ ବିଧିବଦ୍ଧ ଭାବେ ଜଣାଇବୁ। ସେହିପରି ସହରାଞ୍ଚଳରେ ୧୫ ହଜାର ଏବଂ ରାସ୍ତାକଡ଼ ପ୍ରାୟ ୨୫୦ କିମିରେ ଗଛ ଲଗାଇବାକୁ ଯୋଜନା କରିଛୁ। ଗୋଟିଏ ବର୍ଷ ଭିତରେ ଏହା ଅସମ୍ଭବ। ଏଥିଲାଗି ପ୍ରାୟ ୫ ବର୍ଷ ଲାଗିଯିବ। ସରକାର ଏଥିପାଇଁ ଅନୁଦାନର ବ୍ୟବସ୍ଥା କଲେ ଯଥାଶୀଘ୍ର ଏ ଦିଗରେ ଅଗ୍ରସର ହେବୁ। ୫ ବର୍ଷ ମଧ୍ୟରେ ପୁଣି ବାଲୁଖଣ୍ଡରେ ସବୁଜିମା ଫେରିପାରିବ। ତେବେ ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ଗଛ ଲଗାଯିବ। ବାତ୍ୟା, ବନ୍ୟାକୁ ପ୍ରତିରୋଧ କରିବା ଲାଗି ସମୁଦ୍ର କୂଳରେ ଝାଉଁଗଛ ଲଗାଯିବ। ଅଭୟାରଣ୍ୟ ମଧ୍ୟଭାଗରେ ବିଭିନ୍ନ ପ୍ରକାର କୋଳିଜାତୀୟ ଗଛ ଯେପରି କି ବରକୋଳି, କ୍ଷୀରକୋଳି, ନରକୋଳି, କଣ୍ଟେଇକୋଳି, ଶଗଡ଼ବାଟୁଆ କୋଳି ଗଛ ଲଗାଯିବ ଏବଂ ଘାସ ଚାଷ ମଧ୍ୟ କରାଯିବ। ଅଭୟାରଣ୍ୟରେ ରହୁଥିବା ହରିଣ, ବିଲୁଆ ଆଦି ବନ୍ୟଜନ୍ତୁ ଏହି କୋଳି ଏବଂ ଏହାର ପତ୍ର ଖାଇପାରିବେ। ଏହାକୁ ଦୃଷ୍ଟିରେ ରଖାଯାଇ ଚାରା ରୋପଣ ହେବ। ସେହିପରି ରାସ୍ତାକଡ଼ରେ କାଜୁ (ଲଙ୍କାଆମ୍ବ)ଗଛ ଲଗାଯିବ। ଅଭୟାରଣ୍ୟକୁ ସୁରକ୍ଷା ଦେଉଥିବା ଗ୍ରାମ୍ୟ କମିଟି ଏହି କାଜୁ ନେଇ ସ୍ୱାବଲମ୍ବୀ ହୋଇଥାନ୍ତି। ତେଣୁ ସେମାନଙ୍କ ଜୀବନଜୀବିକା ପାଇଁ ବ୍ୟାପକ ମାତ୍ରାରେ କାଜୁଗଛ ଲଗାଯିବ। ଅନ୍ୟପକ୍ଷରେ ଦେବାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲଗଛ, ସ୍କୁଲ୍ କ୍ୟାମ୍ପସ୍‌ରେ ଆମ୍ବ, ପିଜୁଳି ଆଦି ଝଙ୍କାଳିଆ ଗଛ ଲଗାଯିବା ଲାଗି ଯୋଜନା ହୋଇଛି। ଏତଦ୍‌ବ୍ୟତୀତ ରାସ୍ତାକଡ଼ରେ ବରଗଛ, ତାଳଗଛ ଲଗାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଝାଉଁଗଛ ବ୍ୟାପକ ମାତ୍ରାରେ ଦରକାର ପଡ଼ିବ। କିନ୍ତୁ ଆମ ପାଖରେ କିମ୍ବା ଆମ ରାଜ୍ୟରେ ଏତେ ଝାଉଁ ଚାରା ମିଳିବ ନାହିଁ। ତେଣୁ ଆମକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ କିମ୍ବା ପଶ୍ଚିମବଙ୍ଗରୁ ଏହାକୁ କିଣି ଆଣିବାକୁ ପଡ଼ିବ। ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଅନ୍ୟାନ୍ୟ ଗଛ ବିଭିନ୍ନ ବନଖଣ୍ଡରୁ ଅଣାଯିବା ଲାଗି ଚିଠି କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ବାତ୍ୟାରେ ଅଭୟାରଣ୍ୟ ମଧ୍ୟରେ ଉପୁଡ଼ି ପଡ଼ିଥିବା ଏବଂ ଭାଙ୍ଗିଯାଇଥିବା ଗଛଗୁଡ଼ିକୁ ସଫା କରାଯିବ। ଏ ନେଇ କାମ ଆରମ୍ଭ ହୋଇଗଲାଣି। କିନ୍ତୁ ଯେଉଁଗୁଡ଼ିକ ଅଧା ଭାଙ୍ଗିଛି ଅର୍ଥାତ୍ ଯାହାର ଚେର ମାଟିଭିତରେ ରହିଛି, ତାହାକୁ ଛାଡ଼ି ଦିଆଯିବ। ହୁଏତ ସେଗୁଡ଼ିକ ପୁଣି କଅଁଳିପାରେ। ତେଣୁ ବର୍ଷା ସମୟ ପର୍ଯ୍ୟନ୍ତ ଏହି ଗଛଗୁଡ଼ିକୁ ଛାଡ଼ି ଦିଆଯିବ। ତେବେ ଅଭୟାରଣ୍ୟରୁ ବ୍ୟାପକ ମାତ୍ରାରେ ବାହାରିବାକୁ ଥିବା ଶୁଖିଲା କାଠ କ'ଣ ହେବ, ସେନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନ ଥିବା ବନଖଣ୍ଡ ଅଧିକାରୀ ଉଦ୍‌ଗାତା କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୯।୫**

ଲାଲବାଗ ଥାନା ଅଞ୍ଚଳର ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଖଟବିନ୍ ସାହି ଅଞ୍ଚଳର ଶାହାଜାନ ଖାନ୍(୪୦)। ଏ ନେଇ ପୋଲିସ ଆଇପିସିର ଦଫା ୩୭୬ ଏବଂ ପୋକ୍ସୋ ଆକ୍ଟ-୬ରେ ଏକ ମାମଲା (ନଂ.୮୮/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶାହାଜାନ ଶନିବାର ପରିଚିତ ହିସାବରେ ନାବାଳିକାଙ୍କୁ ବଜାର ବୁଲାଇବାକୁ କହି ତାଙ୍କୁ ଘରୁ ନେଇଆସିଥିଲେ। ପରେ ନାବାଳିକାଙ୍କୁ ଚକୋଲେଟ୍ ଦେବା ସହ ନିଜ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ଏସ୍‌ସିବିରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ମଧୁସୂଦନ ଦାସ ସ୍ମାରକୀ ଇ-ଓଡ଼ିଆ ଶିକ୍ଷାଦାନ କାର୍ଯ୍ୟକ୍ରମ

**କଟକ ଅଫିସ,୧୯।୫:** କଟକ ବିଡ଼ାନାସୀସ୍ଥିତ ଜାଗୃତ ଓଡିଶା ଚାରିଟେବୁଲ ଟ୍ରଷ୍ଟ ସମ୍ମିଳନୀ କକ୍ଷରେ ରବିବାର ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ସ୍ମାରକୀ ଇ-ଓଡ଼ିଆ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ରାୟ ଏବଂ ଜାଗୃତ ଓଡ଼ିଶା ସାହିତ୍ୟ ସଂସଦର ରାଜ୍ୟ ସମ୍ପାଦକ ବିଭୁ ପରିଡ଼ା ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏମ୍ ରାଜୁ, ସିମରନ୍ ରାଉଳ, ତାରାପ୍ରସାଦ ପ୍ରଧାନ, ସମ୍ବିତ ସାହୁ ଓ ପ୍ରିୟଦର୍ଶିନୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନରାଜ,୧୯।୫(ଡି.ଏନ୍.ଏ.):** ଚାନ୍ଦିନିଚୌକସ୍ଥିତ ସାଇ ତ୍ରିନାଥ ନୀଳଚକ୍ର ନିୟମିତ ଯୋଗଶିବିରରେ ମହିଳା ପତଞ୍ଜଳି ଯୋଗସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରର ସଞ୍ଚାଳିକା ତଥା ମହିଳା ସହପ୍ରଭାରୀ ସାଗରିକା ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାବା ହେମନ୍ତ କୁମାର ପରିଡା ମୁଖ୍ୟ ଅତିଥି, ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ, ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂ ପ୍ରକାଶ ମହାପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିବେଦିତା ପତି ଅତିଥିଭାବେ ଯୋଗଦେଇଥିଲେ। ଏହି ଶିବିରରେ ଲୋପାମୁଦ୍ରା ଆଚାର୍ଯ୍ୟ ପ୍ରଥମ, ମମତା ପାତ୍ର ଦ୍ୱିତୀୟ ଓ ମୋନାଲିସା ରାଉଳ ଏବଂ ଅଳକା ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ତାଲିମପ୍ରାପ୍ତ ସହଯୋଗ ଶିକ୍ଷକଙ୍କୁ ପ୍ରତ୍ୟେକ ଦିନ ନିଃଶୁଳ୍କ ଯୋଗ ଶିକ୍ଷା ଦେବା ପାଇଁ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚୈତନ୍ୟ ପଢିହାରି, ରବୀନ୍ଦ୍ର ପରିଡା, ସତ୍ୟରଞ୍ଜନ ପରିଡା, ଗିରିଜା ଶତପଥୀ, ସୌଦାମିନୀ ମିଶ୍ର, ବାବୁଜୀ ବିଶୋଇ, ରାଜଶ୍ରୀ ମହାପାତ୍ର, କୃଷ୍ଣ ଦାସ, ପ୍ରତିମା ରାଉତ ଓ ବବି ରାଉତ ଉପସ୍ଥିତ ଥିଲେ। ରବୀନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।

### କଟକ ସଦର ବ୍ଲକରେ ଜିଓଟ୍ୟାଗ ବନ୍ଦ

**କଟକ ସଦର, ୧୯।୫ (ଡି.ଏନ.ଏ.):** ବାତ୍ୟା ବିପନ୍ନଙ୍କୁ ପକ୍କାଘର ଯୋଗାଇ ଦେବା ଲକ୍ଷ୍ୟରେ ଭଙ୍ଗା ଚାଳଘରର ଜିଓଟ୍ୟାଗ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, ଶନିବାରଠାରୁ ଏହି କାର୍ଯ୍ୟକ୍ରମ କଟକ ସଦର ବ୍ଲକରେ ଆରମ୍ଭ ହେବାର ଥିଲା। ହେଲେ ଘରଭଙ୍ଗା ତାଲିକାରେ ତ୍ରୁଟି ପରିଲକ୍ଷିତ ହେବା ପରେ ଜିଓଟ୍ୟାଗକୁ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସାମୟିକ ଭାବେ ବନ୍ଦ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସଦର ବ୍ଲକ ସମେତ ଜିଲାର ଅନ୍ୟ ତହସିଲ ପକ୍ଷରୁ ପ୍ରସ୍ତୁତ ଘରଭଙ୍ଗା ତାଲିକା ସହ ଅନ୍‌ଲାଇନରେ ପ୍ରଦର୍ଶିତ ତାଲିକାର ମେଳ ଖାଉ ନ ଥିବା ଜିଲା ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଯାହାଫଳରେ ଜୁନ୍ ୧ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ଘଟିବ।

### ସ୍ତ୍ରୀଙ୍କୁ ଛାଡ଼ି ପଳାଇବା ଘଟଣାରେ ସ୍ୱାମୀ ଅଟକ

**ଚୌଦ୍ୱାର,୧୯।୫(ଡି.ଏନ୍.ଏ.):** ସ୍ତ୍ରୀଙ୍କୁ ଛାଡ଼ି ପଳାଇବା ଘଟଣାରେ ଚୌଦ୍ୱାର ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଟିପିଏମ୍ ଫାଣ୍ଡି ଅଧୀନ କୟଳପଡା ପଞ୍ଚାୟତର ଶିମିଳିହାଣ୍ଡି ଗ୍ରାମ ନୂଆସାହିର ମୁକ୍ତିକାନ୍ତ ଜେନା ସେହି ଗ୍ରାମର ଜନୈକ ମହିଳାଙ୍କୁ ନୋଟାରିରେ ରେଜେଷ୍ଟ୍ରି ବିବାହ କରିଥିଲେ। ବିବାହପରେ ମୁକ୍ତିକାନ୍ତ ଘରଲୋକଙ୍କୁ ନ ଜଣାଇ ସ୍ତ୍ରୀଙ୍କୁ ନେଇ କଟକରେ ଭଡା ଘରେ ରହୁଥିଲେ। ଦୀର୍ଘ ୧୮ମାସ ଧରି ବୈବାହିକ ଜୀବନ ବିତାଇବା ପରେ ମୁକ୍ତିକାନ୍ତ ଗତ ୧୫ଦିନ ତଳେ ସ୍ତ୍ରୀକୁ ମାଡ଼ ମାରି ବିଳମ୍ବିତ ରାତିରେ କେଉଁଆଡେ ପଳାଇ ଯାଇଥିଲେ। ମୁକ୍ତିକାନ୍ତ ନିଜ ଘରେ ଥିବା ଜାଣିବା ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମୁକ୍ତିକାନ୍ତଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ପଚରାଉଚରା ଚଳାଇଛି।




କଟକ ବକ୍ସିବଜାର ରୋଡ଼ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଦ୍ଧିଷ୍ଟ ହେରିଟେଜ୍ ପ୍ରମୋଶନ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସରିଲା ୧୦ ବୁଥ୍‌ରେ ସାନି ମତଦାନ

**କଟକ ଅଫିସ, ୧୯।୫**

କଟକ ଜିଲାର ୧୦ଟି ବୁଥରେ ରବିବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ସମସ୍ତ ବୁଥ୍‌ରେ ମତଦାନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମାହାଙ୍ଗାର ୫୭ ନମ୍ବର ବୁଥ୍‌ରେ ୭୨ ପ୍ରତିଶତ ଓ ୫୮ ନମ୍ବର ବୁଥ୍‌ରେ ସନ୍ଧ୍ୟା ୫ଟା ସୁଦ୍ଧା ୬୮ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ମାହାଙ୍ଗାର ୧୪୪ ନମ୍ବର ବୁଥ୍‌ରେ ୮୩.୫୨ ପ୍ରତିଶତ, ୧୫୭ ନମ୍ବର ବୁଥ୍‌ରେ ୭୩ ପ୍ରତିଶତ, ସାଲେପୁରର ଗୁଜରପୁର ବୁଥ୍‌ରେ ୭୫ ପ୍ରତିଶତ, ଆଠଗଡ଼ର ୯୦ ନମ୍ବର ବୁଥ୍‌ରେ ୭୦ ପ୍ରତିଶତ, ୧୦୦ ନମ୍ବର ବୁଥ୍‌ରେ ୮୨ ପ୍ରତିଶତ, ୧୩୭ ନମ୍ବର ବୁଥ୍‌ରେ ୬୬ ପ୍ରତିଶତ ଓ ୧୩୮ ନମ୍ବର ବୁଥ୍‌ରେ ୬୮ ପ୍ରତିଶତ ମତଦାନ ହୋଇଛି। ବଡମ୍ବା ନିର୍ବାଚନମଣ୍ଡଳୀର ୧୦୬ ନମ୍ବର ବୁଥ୍‌ରେ ୭୦ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମତଦାନ ପରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଷ୍ଟ୍ରଙ୍ଗ ରୁମ୍‌କୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି।

## ■ବୃଦ୍ଧାଙ୍କୁ ସ୍ୱାମୀ ମାଡ଼ ମାରିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ

**କଟକ ଅଫିସ,୧୯।୫**

୬୨ ବର୍ଷର ବୃଦ୍ଧାଙ୍କୁ ତାଙ୍କ ସ୍ୱାମୀ ଗାଳିଗୁଲଜ କରିବା ସହ ମାଡ ମାରିଛନ୍ତି। ସ୍ୱାମୀଙ୍କ ମାଡରେ ଆହତ ହୋଇ ସେ ଏବେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ବୃଦ୍ଧା ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ମହିଳାଙ୍କ ସ୍ୱାମୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ବୃଦ୍ଧା ଓ ତାଙ୍କ ସ୍ୱାମୀ ପୁରୀଘାଟ ଅଞ୍ଚଳରେ ରୁହନ୍ତି। ତାଙ୍କର ଗୋଟିଏ ଝିଅ ଅଛି। ବୃଦ୍ଧାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ତାଙ୍କୁ ସବୁବେଳେ ବିନା କାରଣରେ ଗାଳିଗୁଲଜ କରନ୍ତି। ତାଙ୍କ ସ୍ୱାମୀଙ୍କର ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ ଥିବାବେଳେ ସେ ବିରୋଧ କରନ୍ତି। ତେଣୁ ସ୍ୱାମୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରୁଛନ୍ତି। ଗତ ୧୩ ତାରିଖରେ ଏହି କାରଣକୁ ନେଇ ତାଙ୍କ ସ୍ୱାମୀଙ୍କ ସହ ଝଗଡା ହୋଇଥିଲା। ଏ ନେଇ ବୃଦ୍ଧା ଜଣଙ୍କ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଡାକି ବୁଝାଶୁଝା କରି ଛାଡିଥିଲେ। ପୁଣି ୧୪ ତାରିଖରେ ବୃଦ୍ଧାଙ୍କୁ ସ୍ୱାମୀ ଗାଳିଗୁଲଜ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ସ୍ୱାମୀ ତାଙ୍କୁ ମାଡ ମାରିଥିଲେ। ଫଳରେ ବୃଦ୍ଧାଙ୍କ ଗୋଟିଏ ଦାନ୍ତ ଭାଙ୍ଗି ଯାଇଥିବାବେଳେ ସେ ଆହତ ହୋଇଥିଲେ। ଏ ନେଇ ସେ ଗତ ୧୫ ତାରିଖ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୪୯୮ଏ, ୩୨୩, ୩୨୫, ୩୦୭, ୨୯୪, ୫୦୮ରେ ଏକ ମାମଲା(ନଂ.୪୬/୧୯) ରୁଜୁ କରି ତଦନ୍ତ କରିଥିଲା। ସେବେଠାରୁ ବୃଦ୍ଧା ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ପୋଲିସ ତାଙ୍କ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରି ଚୁପ୍ ବସିପଡିଛି। ତାଙ୍କ ସ୍ୱାମୀ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇଥିବାରୁ ପୋଲିସ ଜାଣିଶୁଣି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ବୃଦ୍ଧା ଅଭିଯୋଗ କରିଛନ୍ତି। ଯଦି ପୋଲିସ ୨ ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

ଏ ନେଇ ମହିଳା ଥାନା ଅଧିକାରୀ ରୀନା ଦାସ କୁହନ୍ତି, ଏହା ଏକ ପାରିବାରିକ ମାମଲା। ଏହି ମାମଲାରେ ମେଡିକାଲ ରିପୋର୍ଟ ବିନା ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବନାହିଁ। ତେବେ ବୃଦ୍ଧାଙ୍କର ମେଡିକାଲ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନି। ରିପୋର୍ଟ ଆସିବା ପରେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## କଟକକୁ ନିରନ୍ତର ପାନୀୟଜଳ ଯୋଗାଅ: ସ୍ଥାୟୀ ଲୋକ ଅଦାଲତ

**କଟକ ଅଫିସ,୧୯।୫**

ଫନୀ ପ୍ରଭାବରେ ସିଡିଏକୁ ଜଳ ଯୋଗାଣ ବ୍ୟାହତ ନେଇ ସେକ୍ଟର-୬ର ବରିଷ୍ଠ ନାଗରିକ ଜଗବନ୍ଧୁ ବେହେରା ସ୍ଥାନୀୟ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ରେ ଏକ ମକଦ୍ଦମା ଦାଏର କରିଥିଲେ। ଦରଖାସ୍ତକାରୀ ବେହେରାଙ୍କ ଦରଖାସ୍ତକୁ ବିଚାର ପାଇଁ ଗ୍ରହଣ କରି ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ କଟକ ଜିଲାପାଳ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ସମନ ଜାରି କରି ଶନିବାର ଜବାବ ତଲବ କରିଛନ୍ତି। ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ସହକାରୀ ଯନ୍ତ୍ରୀ ହାଜର ହୋଇ ଜବାବ ଦାଖଲ ନିମନ୍ତେ ସମୟ ନେବା ପାଇଁ ଆବେଦନ କରିଥିଲେ। ଠିକ୍ ଜବାବ ଦାଖଲ ନିମନ୍ତେ ଅଦାଲତ ମହଲତ ଦେବା ସମୟରେ କଟକ ବାସିନ୍ଦାଙ୍କ ପାଇଁ ନିରନ୍ତର ପାନୀୟଜଳ ଯୋଗାଣ ଲାଗି ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

**କଟକ ସଦର, ୧୯।୫ (ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ବିରିବାଟୀସ୍ଥିତ ସତ୍ୟସେବା ମଣ୍ଡଳ ଆନୁକୂଲ୍ୟରେ ୨ ଦିନିଆ ବାବା ବୈକୁଣ୍ଠନାଥଙ୍କ ଚନ୍ଦନ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରାତଃରେ ନଗରକୀର୍ତ୍ତନ, ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବିକାଶ ଶିବିର, ଭଗବତ ଗୀତା ପାରାୟଣ ଅନୁଷ୍ଠିତ ହୋଇଥିଲା। ସନ୍ଥ ସଚ୍ଚିଦାନନ୍ଦ ଦାସ, ସ୍ୱାମୀ ଜଗଦିଶାନନ୍ଦ ସରସ୍ୱତୀ ଓ ବାବାଜୀ ଦେବାନନ୍ଦ ଦାସଙ୍କ ଦ୍ୱାରା ଜଳୌକାବାଣୀ ଓ ଭକ୍ତିଚନ୍ଦନ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅରବିନ୍ଦ ନାୟକ, ଦେବୀ ପ୍ରସାଦ ଧଳ, ହରେକୃଷ୍ଣ ମହାନ୍ତି, ପ୍ରମିଳା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରମ୍‌ଜାନ ଉପଲକ୍ଷେ କଟକ ସୂତାହାଟ ଅଞ୍ଚଳରେ ଖୋଲିଥିବା ଏକ ଦୋକାନରୁ ଜଣେ ମୁସଲିମ୍ ସଂପ୍ରଦାୟର ବ୍ୟକ୍ତି ଲଚ୍ଛା ଓ ଅନ୍ୟ ସାମଗ୍ରୀ କିଣୁଛନ୍ତି।

## ଉଡ଼ିଗଲେ ଗେଣ୍ଡାଳିଆ, ଭାଙ୍ଗିଗଲା ବସା

**ନରାଜ,୧୯।୫(ଡି.ଏନ୍.ଏ.)**



ଫନୀ ପ୍ରଭାବରେ ନନ୍ଦନକାନନର ସବୁଜିମା ଏକ ପ୍ରକାର ଧ୍ୱଂସ ହୋଇପଡିଛି। ଏଥିରେ କୌଣସି ଜୀବଜନ୍ତୁଙ୍କର କ୍ଷତି ହୋଇ ନ ଥିବା କର୍ତ୍ତୃପକ୍ଷ କହୁଥିବା ବେଳେ କେତେକ ମୁକ୍ତ ଜଙ୍ଗଲି ପଶୁପକ୍ଷୀ ଆଗଭଳି ଆଉ ଦେଖିବାକୁ ମିଳୁନି। ଏମାନଙ୍କ ମଧ୍ୟରେ ଗେଣ୍ଡାଳିଆ ପକ୍ଷୀ ଅନ୍ୟତମ। ବାତ୍ୟାରେ ନନ୍ଦନକାନନର ଅନେକ ବଡ ଗଛ ଉପୁଡି ପଡିବା ସହ ପକ୍ଷୀମାନଙ୍କର ବଡ ବଡ ବସା ଭାଙ୍ଗି ଯାଇଛି। ଫଳରେ ଏଠାରେ ଥିବା ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆଙ୍କ ମଧ୍ୟରୁ କିଛିଟା ମୃତାହତ ହୋଇ ପଡିଥିବାବେଳେ ଅଧିକାଂଶ ଅନ୍ୟତ୍ର ଚାଲିଯାଇଥିବା ପଶୁପ୍ରେମୀମାନେ ଅନୁମାନ କରୁଛନ୍ତି।

ନନ୍ଦନକାନନ ବୋଟଘାଟ, କାଞ୍ଜିଆ ହ୍ରଦକୂଳ, ରୋପ ୱେ, ଟିକେଟ ଘର ନିକଟରେ ଥିବା ବଡବଡ ଗଛଗୁଡ଼ିକରେ ଗତ ଆଠବର୍ଷ ହେଲା ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆ ପକ୍ଷୀ ବସାବାନ୍ଧି ରହି ଆସୁଥିଲେ। ପ୍ରଥମେ ଋତୁ ଅନୁଯାୟୀ ଆସୁଥିବାବେଳେ ପରେ ପରେ ସ୍ଥାୟୀ ଭାବେ ଏହି ଗଛରେ ବସା ବାନ୍ଧି ରହିଲେ। ପର୍ଯ୍ୟଟକମାନେ ବୋଟଘାଟ ଦେଇ ଯିବାବେଳେ ପ୍ରଚୁର ପରିମାଣର ଗେଣ୍ଡାଳିଆ ମୁକ୍ତଭାବେ ବିଚରଣ କରିବା ଦେଖି ଖୁସି ହେଉଥିଲେ। ଏହାସହ କାଞ୍ଜିଆ ହ୍ରଦରେ ବୋଟିଂ କଲାବେଳେ ମଧ୍ୟ ପର୍ଯ୍ୟଟକମାନେ ଏହି ପକ୍ଷୀମାନଙ୍କୁ ଦେଖି ମନୋରଞ୍ଜନ କରିଥାନ୍ତି। ଏସବୁ ପକ୍ଷୀ ଜଙ୍ଗଲିଜନ୍ତୁ ହୋଇଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ଏମାନଙ୍କୁ କେବଳ ଶିକାରି କବଳରୁ ସୁରକ୍ଷା ଦେବା ବ୍ୟତୀତ ଅନ୍ୟ କିଛି ଦାୟିତ୍ୱ ନେଇ ନ ଥାନ୍ତି। କେବଳ ବର୍ଷକୁ ଥରେ ଏଠାରେ ପକ୍ଷୀମାନଙ୍କୁ ଗଣନା କରାଯାଇଥାଏ। ବାତ୍ୟା ପରେ ଏମାନଙ୍କ ବସା ଭାଙ୍ଗିଯାଇଥିବାରୁ ଆଉ ଦେଖିବାକୁ ମିଳୁ ନାହାନ୍ତି ।

## ସ୍କୁବା ଡାଇଭିଂ ଶିଖି ଓଡ଼ିଶା ଛାଡ଼ିଲେ ୟୁପି ପୋଲିସ

**କଟକ ଅଫିସ,୧୯।୫**



**ଭାଇଚାରାର ବାର୍ତ୍ତା ଛାଡ଼ିଲେ, ଚାରା ରୋପଣ କଲେ**

ଓଡ଼ିଶାରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେଉଥିବା ଉତ୍ତରପ୍ରଦେଶ(ୟୁପି)ର ୩୦ଜଣ ପୋଲିସ କର୍ମଚାରୀ ରବିବାର ଫେରିଯାଇଛନ୍ତି। ଗତ ଏପ୍ରିଲ ୧୨ ତାରିଖରୁ ଏମାନେ ଭାରତର ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ତଥା ଲିମ୍‌କା ବୁକ୍ ରେକର୍ଡ ଧାରୀ ସବୀର ବକ୍ସଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିଲେ। ମହାନଦୀ ଜଳରାଶିରେ ସବୀର ଏମାନଙ୍କୁ ପାଣି ଭିତରୁ ଉଦ୍ଧାର କରିବାର ସହଜ ଓ ଅତ୍ୟାଧୁନିକ କୌଶଳ ଶିକ୍ଷା ଦେଇଛନ୍ତି। ହେଲେ କଟକ ଛାଡ଼ିବା ପୂର୍ବରୁ କଟକବାସୀଙ୍କ ସ୍ନେହ, ଭଲପାଇବା ଓ ଏଠାକାର ଭାଇଚାରା ସମ୍ପର୍କରେ ମତ ଦେଇଛନ୍ତି। ପ୍ରଶିକ୍ଷଣ ନେଉଥିବା ଏହି ଟିମ୍‌ର ପ୍ରଭାରୀ ରାଜେଶ ଯାଦବ କହିଛନ୍ତି, କଟକ ଅଳ୍ପଦିନ ଭିତରେ ଆମକୁ ଆପଣାଇ ଦେଇଥିଲା। ଏଠାକାର ଲୋକଙ୍କ ବ୍ୟବହାର ଓ ଭଲପାଇବା ପାଇ ବହୁତ ଖୁସି। ସାମୁଦ୍ରିକ ଝଡ଼ ଫନୀ ସମୟରେ ଏଠାକାର ଲୋକମାନେ ପରସ୍ପରକୁ ସାହାଯ୍ୟ କରୁଥିବା ଦୃଶ୍ୟ ନିଆରା ଥିଲା। କଟକକୁ କେବେ ଭୁଲି ପାରିବୁ ନାହିଁ। ଅନ୍ୟପକ୍ଷରେ ପ୍ରଶିକ୍ଷକ ସବୀର କହିଛନ୍ତି, କିଛିଦିନ ଭିତରେ ସେମାନେ କଟକକୁ ଭଲ ପାଇ ସାରିଥିଲେ। ଫନୀ ସମୟରେ ନିଜ ଇଚ୍ଛାରେ ସେମାନେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ତୁଳସୀପୁର ଅଞ୍ଚଳରେ ଗଛକଟା ଓ ସଫେଇ କାର୍ଯ୍ୟ କରି ସେମାନେ ଭାଇଚାରାର ବାର୍ତ୍ତା ଛାଡ଼ିଛନ୍ତି। ଏତଦବ୍ୟତୀତ ରବିବାର ଉକ୍ତ ପୋଲିସ କର୍ମଚାରୀମାନେ ନଦୀବନ୍ଧ ସମେତ ତୁଳସୀପୁର ଅଞ୍ଚଳରେ ଚାରାରୋପଣ କରିଥିଲେ। କଟକ ମହାନଦୀ ସହିତ ଚିଲିକା, ରାମଚଣ୍ଡୀ ମୁହାଣରେ ସେମାନେ ପ୍ରଶିକ୍ଷଣ ନେବାର କାର୍ଯ୍ୟସୂଚୀ ରହିଥିଲା। ହେଲେ ଫନୀ ଯୋଗୁ ଚିଲିକା ଓ ରାମଚଣ୍ଡୀ ମୁହାଣରେ ପ୍ରଶିକ୍ଷଣ କାର୍ଯ୍ୟ ହୋଇପାରିନାହିଁ ବୋଲି ସବୀର କହିଛନ୍ତି। ସୂଚନାଥାଉ କି, କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଓ ଉତ୍ତରପ୍ରଦେଶର ଷ୍ଟେଟ ଡିଜାଷ୍ଟର ରେସପନ୍ସ ଫଣ୍ଡ(ଏସ୍‌ଡିଆର୍‌ଏଫ୍) ମଧ୍ୟରେ ଗତ ମାର୍ଚ୍ଚରେ ହୋଇଥିବା ଏକ ଏମ୍‌ଓୟୁ ଅନୁଯାୟୀ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନିମନ୍ତେ କଟକ ଆସିଥିଲେ। ପୂର୍ବତନ ନେଭି ଅଧିକାରୀ ପ୍ରଣବ ବିଶ୍ୱାଳ ମଧ୍ୟ ପ୍ରଶିକ୍ଷଣ ଦାୟିତ୍ୱରେ ଥିଲେ। ମହମ୍ମଦ ଗାଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ଥିବାବେଳେ ଡ. ସଲିମ ସ୍ୱତନ୍ତ୍ର ଭାବେ ପୋଲିସ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଧ୍ୟାନ ଦେଉଥିଲେ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ୬ ପୋଖରୀ କୂଳରେ ଲାଗିଲା ସତର୍କ ସୂଚନା



ଗୋପ,୧୯।୫(ଡି.ଏନ୍.ଏ.): ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଏହି ବ୍ଲକର ୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିପନ୍ନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯାଉଛି। ଏହି ବ୍ଲକରେ ଥିବା ୬ପୋଖରୀର ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ଘୋଷଣା କରାଯିବା ସହ ପୋଖରୀ କୂଳରେ ସତର୍କ ସୂଚନା ଲଗାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶିବ ପ୍ରସାଦ ମଙ୍ଗରାଜ କହିଛନ୍ତି। ବାତ୍ୟା ପରେ କୌଣସି ଗ୍ରାମରେ ଯେପରି ଝାଡାବାନ୍ତି ସହ ମହାମାରୀ ନ ବ୍ୟାପିବ ସେଥିପାଇଁ ୩୦ରୁ ଊର୍ଦ୍ଧ୍ୱ ଜଳାଶୟର ପାଣି ଯାଞ୍ଚ କରାଯାଇଥିଲା। ୬ପୋଖରୀର ପାଣି ଦୂଷିତ ଜଣାପଡ଼ିବା ପରେ ପୋଖରୀ କୂଳରେ ସତର୍କ ସୂଚନା ଲଗାଯାଇଛି।

### ଫନୀ ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଲା

ପୁରୀ ଅଫିସ, ୧୯।୫(ଡି.ଏନ୍.ଏ.): ପ୍ରଳୟଙ୍କରୀ ବାତ୍ୟା ଫନୀ ପରେ ପୁରୀ ଜିଲାର ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଇସି)ରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡ଼ିଛି। ଏପରିକି ଡିଏଚ୍ଏଚ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିଲା। ଫନୀ ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଏଚଏଚକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ ସମୀକ୍ଷା ବେଳେ ଏହି ପଦବୀ ଖାଲି ପଡ଼ିଥିଲା। ଫନୀ ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଏଚ୍ଏଚ୍‌କୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ସମୀକ୍ଷା ବେଳେ ଏହି ଏହି ପଦବୀ ଖାଲି ପଡ଼ିଥିବା ନେଇ ସ୍ୱୀକାର କରିଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ୧୭।୦୫।୧୯ରେ ଚିଠି ନଂ ୧୨୩୮ ଅନୁଯାୟୀ ଡିଏଚ୍ଏଚ୍‌ର ୪ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂର୍ଣ୍ଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଡା.ସୁଜାତା ମିଶ୍ରଙ୍କୁ ଏଡିଏମଓ(ପରିବାର କଲ୍ୟାଣ), ଢେଙ୍କାନାଳର ଡା.ନିର୍ମଳ ଚରଣ ଜେନାଙ୍କୁ ଏଡିପିଏଚ୍ଓ(ମ୍ୟାଲେରିଆ), ନୂଆପଡ଼ାର ଡା.ବିରଜାଶଙ୍କର ରଥଙ୍କୁ ଏଡିଏମଓ(ସ୍ୱାସ୍ଥ୍ୟ ଓ ପରିମଳ) ଏବଂ ପୁରୀ ଡିଏଚ୍ଏଚ୍‌ରେ କାର୍ଯ୍ୟରତ ଡା.ଶିଶିର କୁମାର ରଥଙ୍କୁ ଏଡିଏମଓ(ମେଡିକାଲ) ଭାବେ ନିଯୁକ୍ତି ଦିଆଯାଇଛି। ରାୟଗଡ଼ାର ଡା.ଅକ୍ଷୟ କୁମାର ଶତପଥୀ ଏବଂ ନବରଙ୍ଗପୁରର ଡା.ଶୁଶାନ୍ତ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି।

### ସ୍ନେହ ସମ୍ପର୍କ ଅଭିଯାନ ଶୁଭାରମ୍ଭ

ବ୍ରହ୍ମଗିରି,୧୯।୫(ଡି.ଏନ୍.ଏ.): ବାତ୍ୟା ପରେ ଶିଶୁଙ୍କ ମାନସିକ ସ୍ତରରେ ଯତ୍ନ ଓ ସୁରକ୍ଷା ଯୋଗାଇଦେବା ପାଇଁ ବ୍ରହ୍ମଗିରି ବ୍ଲକରେ ଆରମ୍ଭ ହୋଇଛି ସ୍ନେହ ସମ୍ପର୍କ ଅଭିଯାନ। ଏନେଇ ରବିବାର ଏହି ବ୍ଲକ ଅନ୍ତର୍ଗତ ମୋଟସ୍ଥିତ ବିଜୁ ପଟ୍ଟନାୟକ ପଲିଟେକ୍‌ନିକ କଲେଜ ପରିସରରେ ଏହାର ଶୁଭାରମ୍ଭ ହୋଇଛି। ୟୁନିସେଫ ଓ ଭାରତ ଜ୍ଞାନ ବିଜ୍ଞାନ ସମିତିର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ବାତ୍ୟା ଦ୍ୱାରା ସେମାନଙ୍କ ମନରେ ଯେଉଁ ଭୟରହିଛି ସେଥିରୁ ମୁକୁଳିବା ପାଇଁ ସଚେତନତା କରିବା ସହିତ ଚିତ୍ରାଙ୍କନ, ନାଚ, ସଙ୍ଗୀତ ଓ ଅଭିନୟ କରାଯାଇଥିଲା। ଏହି ଅବସରରେ ୟୁନିସେଫ ଓଡ଼ିଶାର ମୁଖ୍ୟ ଡ. ମୋନିକା ନେଲସନ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ଓପେପାର ଡେପୁଟି ଡାଇରେକ୍ଟର ସୂର୍ଯ୍ୟନାରାୟଣ ମିଶ୍ର, ଶିଶୁ ସାହିତ୍ୟିକ ଦାସ ବେନ୍‌ହୁର, ଲଳିତ ପଟ୍ଟନାୟକ, ବ୍ରହ୍ମଗିରି ବିଡିଓ ଭାସ୍କର ରଇତ, ଭାସ୍କର ଚନ୍ଦ୍ର ପୂଜାରୀ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପରେ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ବାଙ୍ଗାଲୋରର ସହାୟତାରେ ୬୦ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ୪୫ଦିନ ଧରି ହେବାକୁ ଥିବାବେଳେ ସ୍ୱେଚ୍ଛାସେବୀମାନେ ପ୍ରତ୍ୟେକ ଗ୍ରାମକୁ ଯାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

## ■ ଫେରିବ ବାଲୁଖଣ୍ଡର ସବୁଜିମା

# ୫ ହଜାର ହେକ୍ଟର ଅଞ୍ଚଳରେ ହେବ ଚାରା ରୋପଣ

■ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରୁ ଆସିବ ଝାଉଁ ଚାରା

■ ହରିଣଙ୍କ ଗତିବିଧି ଜାଣିବାକୁ ଲଗାଯାଇଛି ୬୦ ଟ୍ରାପ୍ କ୍ୟାମେରା

ପୁରୀ ଅଫିସ, ୧୯।୫

ପୁରୀ–କୋଣାର୍କ ରାସ୍ତା ପାର୍ଶ୍ୱରେ ୮୭ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ। ପ୍ରଳୟଙ୍କରୀ ବାତ୍ୟା ଫନୀ ମୋଡି ମକଚି ଦେଇଛି ଏହି ଅଭୟାରଣ୍ୟକୁ। ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯାଇଛି ଜଙ୍ଗଲ। ଗଛ ଭାଙ୍ଗିଯାଇଥିବା ବେଳେ ବିପନ୍ନ ହୋଇପଡ଼ିଛନ୍ତି ବନ୍ୟଜନ୍ତୁ। ଥୁଣ୍ଟା ଗଛ ଏବଂ ଶୁଖିଲା ଡାଳପତ୍ରରେ ଭରିଯାଇଛି ଅଭୟାରଣ୍ୟ। ତେବେ ପୁଣି ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛି ପୁରୀ ବନ ବିଭାଗ। ବାଲୁଖଣ୍ଡ ଅଭୟାରଣ୍ୟର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଯୋଜନା ସମ୍ପର୍କରେ ଧରିତ୍ରୀକୁ ସ୍ୱତନ୍ତ୍ର ପ୍ରତିକ୍ରିୟା ଦେଇ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ବାତ୍ୟା ପରେ ବାଲୁଖଣ୍ଡରେ ହରିଣଙ୍କ ସ୍ଥିତିକୁ ପରଖିବା ଲାଗି ଦୁଇପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଛି। ଡ୍ରୋନ୍ ଏବଂ ଟ୍ରାପ୍ କ୍ୟାମେରା ବ୍ୟବହାର କରାଯାଇ ହରିଣଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଗତ ୧୬ ଏବଂ ୧୭ ତାରିଖ ଦୁଇଦିନ ଧରି ଡ୍ରୋନ୍ ସର୍ଭେ କରାଯାଇଥିଲା। ଏଥିରେ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ହରିଣଙ୍କ ଉପସ୍ଥିତି ଜଣାପଡିଛି। ସେହିପରି ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ



ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ବାଲୁଖଣ୍ଡ ଅଭୟାରଣ୍ୟ।

୬୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ବିଶେଷକରି ରାତିରେ ହରିଣ ଦଳ ଦଳ ହୋଇ ଚରିବାକୁ ଆସୁଥିବା କ୍ୟାମେରାରେ କଏଦ୍ ହୋଇଛି। ଏଥିରୁ ଯାହା ଜଣାପଡୁଛି ଅଭୟାରଣ୍ୟର ନିର୍ଦ୍ଦିଷ୍ଟ ସ୍ଥାନରେ ନୁହେଁ, ବିଭିନ୍ନ ସ୍ଥାନରେ ହରିଣ ପଲ ଖେଳାଇ ହୋଇ ରହିଛନ୍ତି। ଦିନରେ ପ୍ରବଳ ଖରା ହେଉଥିବାରୁ ହରିଣ ପଲ ଛାଇ ଦେଖି ବିଶେଷକରି ଭଙ୍ଗା ଡାଳ ତଳେ ରହିଯାଉଛନ୍ତି। ରାତି ହେଲେ ସେମାନେ ଦଳ ଦଳ ହୋଇ ବାହାରି ଚରୁଛନ୍ତି, ଯାହା ଟ୍ରାପ୍ କ୍ୟାମେରାରୁ ଜଣାପଡୁଛି। ଗୋଟିଏ ଦଳରେ ପ୍ରାୟ ୨୦ରୁ ୨୫ ହରିଣ ରହୁଥିବା ଉଦ୍‌ଗାତା ସୂଚନା ଦେଇଛନ୍ତି।

ବାତ୍ୟାରେ ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳରେ ଗଛ ନଷ୍ଟ ହୋଇଛି। ତେଣୁ ଏହି ୫ ହଜାର ହେକ୍ଟର ଅଞ୍ଚଳରେ ଚାରା ରୋପଣ କରାଯିବା ଲାଗି ଯୋଜନା କରିଛୁ। ଏ ନେଇ ସରକାରଙ୍କୁ ବିଧିବଦ୍ଧ ଭାବେ ଜଣାଇବୁ। ସେହିପରି ସହରାଞ୍ଚଳରେ ୧୫ ହଜାର ଏବଂ ରାସ୍ତାକଡ଼ ପ୍ରାୟ ୨୫୦ କିମିରେ ଗଛ ଲଗାଇବାକୁ ଯୋଜନା କରିଛୁ। ଗୋଟିଏ ବର୍ଷ ଭିତରେ ଏହା ଅସମ୍ଭବ। ଏଥିଲାଗି ପ୍ରାୟ ୫ ବର୍ଷ ଲାଗିଯିବ। ସରକାର ଏଥିପାଇଁ ଅନୁଦାନର ବ୍ୟବସ୍ଥା କଲେ ଯଥାଶୀଘ୍ର ଏ ଦିଗରେ ଅଗ୍ରସର ହେବୁ। ୫ ବର୍ଷ ମଧ୍ୟରେ ପୁଣି ବାଲୁଖଣ୍ଡରେ ସବୁଜିମା ଫେରିପାରିବ। ତେବେ ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ଗଛ ଲଗାଯିବ। ବାତ୍ୟା, ବନ୍ୟାକୁ ପ୍ରତିରୋଧ କରିବା ଲାଗି ସମୁଦ୍ର କୂଳରେ ଝାଉଁଗଛ ଲଗାଯିବ। ଅଭୟାରଣ୍ୟ ମଧ୍ୟଭାଗରେ ବିଭିନ୍ନ ପ୍ରକାର କୋଳିଜାତୀୟ ଗଛ ଯେପରି କି ବରକୋଳି, କ୍ଷୀରକୋଳି, ନରକୋଳି, କଣ୍ଟେଇକୋଳି, ଶଗଡ଼ବାଟୁଆ କୋଳି ଗଛ ଲଗାଯିବ ଏବଂ ଘାଷ ଚାଷ ମଧ୍ୟ କରାଯିବ। ଅଭୟାରଣ୍ୟରେ ରହୁଥିବା ହରିଣ, ବିଲୁଆ ଆଦି ବନ୍ୟଜନ୍ତୁ ଏହି କୋଳି ଏବଂ ଏହାର ପତ୍ର ଖାଇପାରିବେ। ଏହାକୁ ଦୃଷ୍ଟିରେ ରଖାଯାଇ ଚାରା ରୋପଣ ହେବ। ସେହିପରି ରାସ୍ତାକଡ଼ରେ କାଜୁ (ଲଙ୍କାଆମ୍ବ)ଗଛ ଲଗାଯିବ। ଅଭୟାରଣ୍ୟକୁ ସୁରକ୍ଷା ଦେଉଥିବା ଗ୍ରାମ୍ୟ କମିଟି ଏହି କାଜୁ ନେଇ ସ୍ୱାବଲମ୍ବୀ ହୋଇଥାନ୍ତି। ତେଣୁ ସେମାନଙ୍କ ଜୀବନଜୀବିକା ପାଇଁ ବ୍ୟାପକ ମାତ୍ରାରେ କାଜୁଗଛ ଲଗାଯିବ। ଅନ୍ୟପକ୍ଷରେ ଦେବାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲଗଛ, ସ୍କୁଲ୍ କ୍ୟାମ୍ପସ୍‌ରେ ଆମ୍ବ, ପିଜୁଳି ଆଦି ଝଙ୍କାଳିଆ ଗଛ ଲଗାଯିବା ଲାଗି ଯୋଜନା ହୋଇଛି। ଏତଦ୍‌ବ୍ୟତୀତ ରାସ୍ତାକଡ଼ରେ ବରଗଛ, ତାଳଗଛ ଲଗାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଝାଉଁଗଛ ବ୍ୟାପକ ମାତ୍ରାରେ ଦରକାର ପଡ଼ିବ। କିନ୍ତୁ ଆମ ପାଖରେ କିମ୍ବା ଆମ ରାଜ୍ୟରେ ଏତେ ଝାଉଁ ଚାରା ମିଳିବ ନାହିଁ। ତେଣୁ ଆମକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ କିମ୍ବା ପଶ୍ଚିମବଙ୍ଗରୁ ଏହାକୁ କିଣି ଆଣିବାକୁ ପଡ଼ିବ। ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଅନ୍ୟାନ୍ୟ ଗଛ ବିଭିନ୍ନ ବନଖଣ୍ଡରୁ ଅଣାଯିବା ଲାଗି ଚିଠି କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

ବାତ୍ୟାରେ ଅଭୟାରଣ୍ୟ ମଧ୍ୟରେ ଉପୁଡ଼ି ପଡ଼ିଥିବା ଏବଂ ଭାଙ୍ଗିଯାଇଥିବା ଗଛଗୁଡ଼ିକୁ ସଫା କରାଯିବ। ଏ ନେଇ କାମ ଆରମ୍ଭ ହୋଇଗଲାଣି। କିନ୍ତୁ ଯେଉଁଗୁଡ଼ିକ ଅଧା ଭାଙ୍ଗିଛି ଅର୍ଥାତ୍ ଯାହାର ଚେର ମାଟିଭିତରେ ରହିଛି, ତାହାକୁ ଛାଡ଼ି ଦିଆଯିବ। ହୁଏତ ସେଗୁଡ଼ିକ ପୁଣି କଅଁଳିପାରେ। ତେଣୁ ବର୍ଷା ସମୟ ପର୍ଯ୍ୟନ୍ତ ଏହି ଗଛଗୁଡ଼ିକୁ ଛାଡ଼ି ଦିଆଯିବ। ତେବେ ଅଭୟାରଣ୍ୟରୁ ବ୍ୟାପକ ମାତ୍ରାରେ ବାହାରିବାକୁ ଥିବା ଶୁଖିଲା କାଠ କ'ଣ ହେବ, ସେନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନ ଥିବା ବନଖଣ୍ଡ ଅଧିକାରୀ ଉଦ୍‌ଗାତା କହିଛନ୍ତି।



ଉତ୍ତ୍ୟକ୍ତ ଲୋକେ ଦରଜିପୋଖରୀ ଛକରେ ରାସ୍ତା ଅବରୋଧ କରିଛନ୍ତି।

# ବିଦ୍ୟୁତ୍ ସଂଯୋଗ ଲାଗି ଲାଞ୍ଚ ଅଭିଯୋଗରେ ରାସ୍ତାରୋକୋ

ପୁରୀ ଅଫିସ, ୧୯।୫

ବାତ୍ୟାରେ ପୁରୀ ଜିଲାର ବ୍ୟାପକ କ୍ଷତି ଘଟିଛି। ବିଶେଷତଃ ବିଦ୍ୟୁତ୍ ବିଭାଗର କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରବିବାର ଭିଆଇପି ରୋଡ ଦରଜୀପୋଖରୀ ଛକକୁ ବିଦ୍ୟୁତ୍ ଚାର୍ଜ ଲାଗି ସ୍ଥାନୀୟ ବାସିନ୍ଦା ଫେଡକୋ କାର୍ଯ୍ୟାଳୟରେ ଦାବି କରିଥିଲେ। ମାତ୍ର ଫେଡକୋର ଜନୈକ ଉଚ୍ଚପଦସ୍ଥ ଅଧିକାରୀ ଲାଇନ ଚାର୍ଜ ଲାଗି ୫୦ହଜାର ଟଙ୍କା ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫେଡକୋ ଓ ସ୍ଥାନୀୟ ବାସିନ୍ଦା ମୁହାଁ ମୁହିଁ ହୋଇଥିଲେ। ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଲାଇନ ଚାର୍ଜ ଦାବିରେ ଲୋକମାନେ ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଯାତାୟତ ଠପ୍ ହୋଇଯାଇଥିଲା। ଦରଜୀପୋଖରୀ ଛକରୁ ପୋଲିସ ଲାଇନ ଏବଂ ମେଡିକାଲ ଛକ ପର୍ଯ୍ୟନ୍ତ ଶହ ଶହ ବାଇକ, ଚାରି ଚକିଆ ଯାନ ଅଟକି ରହିଥିଲା। ଖବର ପାଇ କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ସେସୁ ନିର୍ବାହୀଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଖୁବଶିଘ୍ର ଲାଇନ ଚାର୍ଜ ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଦ୍ୟୁତ୍ କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ପାନୀୟ ଜଳ, ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ସେମାନଙ୍କ କାର୍ଯ୍ୟରେ ସହଯୋଗ କରାଯାଇଛି। ତଥାପି ଫେଡକୋ ଅଧିକାରୀ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନ ଦେଲେ ଲାଇନ ଚାର୍ଜ କରାଯିବ ନାହିଁ, ଏମିତି ଅନ୍ଧାରରେ ରହିଥାଅ ବୋଲି କହୁଛନ୍ତି। କୌଣସି ବିଷୟ ପଚାରିଲେ ପୋଲିସକୁ କହି ଥାନାରେ ପୁରାଇ ଦେବାକୁ ଧମକ ଦେଉଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି। ଏନେଇ ଫେଡକୋ ଅଧିକାରୀଙ୍କ ମତାମତ ମିଳିପାରିନାହିଁ। ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ଓ ବଡଦାଣ୍ଡକୁ ଲାଇନ ଚାର୍ଜ କରାଯାଇଛି। ପରେ କଚେରୀ ସବ୍ ଷ୍ଟେସନ ଅଧୀନ ସ୍ୱର୍ଗଦ୍ୱାର ୧,୨ ଦୋଳମଣ୍ଡପ ସାହି, ଦଣ୍ଡତୋଟା ଅଞ୍ଚଳକୁ ଲାଇନ ଚାର୍ଜ କରାଯାଇଥିଲା। ଦୁଇ ଦିନ ତଳେ ମରିଚିକୋଟ ଗଳିକୁ ବିଦ୍ୟୁତ୍ ଚାର୍ଜ ଦାବିରେ ରାସ୍ତାରୋକୋ ହୋଇଥିଲା।

# ବୁଦ୍ଧ ଜୟନ୍ତୀ, କବିତା ପାଠୋତ୍ସବ

କୋଣାର୍କ,୧୯।୫(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ବୌଦ୍ଧ ପୀଠ କୁରୁମଠାରେ ଦୁଇ ଦିନିଆ ୬୦ତମ ବୁଦ୍ଧ ଜୟନ୍ତୀ ଓ କବିତା ପାଠୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କୁରୁମ ବୌଦ୍ଧ ପୀଠ ବିକାଶ ପରିଷଦର ଉପଦେଷ୍ଟା ବ୍ରଜବନ୍ଧୁ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତିର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ସ୍ୱାଇଁ, ମଙ୍ଗଳା ମହାବିଦ୍ୟାଳୟର ପ୍ରଧାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାଶ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଦାଶ, ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, ସାମାଜିକକର୍ମୀ ଜିତେନ୍ଦ୍ର ବିଶ୍ୱାଳ ଓ ମଙ୍ଗଳା ସାହିତ୍ୟ ସଂସଦର ସଭାପତି ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନର ସମ୍ପାଦକ ଅଧାପକ ସୁଧୀର ଚନ୍ଦ୍ର ଭୂୟାଁ ବିବରଣୀ ପାଠ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମାର୍ଦ୍ଧରେ




ଉତ୍ସବରେ କଳାକାର ସଙ୍ଗୀତ ପରିବେଷଣ କରୁଛନ୍ତି।

ମହାବୀର ଭଜନଧାରାର ଗୁରୁ କପିଳ ମୁରୁଡି ଓ ସାଥୀ କଳାକାରଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା। ପରେ କୋଣାର୍କର କଳାକାର ପ୍ରତ୍ୟୁଷା ଓ ଭକ୍ତି ପୁଷ୍ପାଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଘୋଡା ନାଚ ପରିବେଷିତ ହୋଇଥିଲା। ଶେଷରେ ବାଲି ଦୋକାନ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବକୁ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗନ୍ଧର୍ବ ସେନାପତି, କପିଳ ଭୂୟାଁ, ପବିତ୍ର ପାଇଟାଳ, ଅକ୍ଷୟ ବିଶ୍ୱାଳ, ପ୍ରଫୁଲ୍ଲ ସେନାପତି, ନଟବର ସେନାପତି ଓ ପ୍ରମୋଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବୌଦ୍ଧ ବିକାଶ ପରିଷଦ ଆନୁକୂଲ୍ୟରେ ଶିକ୍ଷାବିତ୍ ବ୍ରଜବନ୍ଧୁ ଦାଶଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ସ୍ୱାଇଁ, ବ୍ୟଙ୍ଗ କବି ସମ୍ପଦ ରଥ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୩୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂଯୋଗ ବିଳମ୍ବ: ଅଫିସ ଘେରିଲେ ମହିଳା

ପିପିଲି,୧୯।୫(ଡି.ଏନ୍.ଏ.)

ଫନୀ ହେବାର ୧୬ଦିନ ବିତିଯାଇଥିଲେ ମଧ୍ୟ ପିପିଲି ଅଞ୍ଚଳକୁ ଏଯାବତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ରବିବାର ଶତାଧିକ ମହିଳା ପିପିଲି ବିଦ୍ୟୁତ ୩୩କେଭି ଷ୍ଟ୍ରକ୍ଚର ଓ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଅନ୍ୟ ଅଧିକାରୀମାନେ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦିଘାଳି ଗ୍ରୀଡ଼ରୁ ୩୩କେଭି ଯୋଗେ ପିପିଲିକୁ ବିଦ୍ୟୁତ ଯୋଗାଣ ହେଉଥିବା ମୁଖ୍ୟ ଲାଇନ ସମେତ ୧୧କେଭି, ଏଲ୍‌ଟି ଲାଇନ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। କିନ୍ତୁ ୧୬ଦିନ ମଧ୍ୟରେ ମୁଖ୍ୟ ଲାଇନଟି କାର୍ଯ୍ୟକ୍ଷମ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆନ୍ଧ୍ରରୁ ଆସିଥିବା ବିଦ୍ୟୁତ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଖାଇବାକୁ ନ ଦିଆଯିବାରୁ କେତେକ କର୍ମଚାରୀ ଫେରିଯାଇଥିଲେ। ସମସ୍ୟାର ତୁରନ୍ତ ସମାଧାନ ଦାବି ନେଇ ୱାର୍ଡ ନଂ ୨ ଏବଂ ୩ର ଅତଲିଶା ବିବି, ଖୁସିଦା ବିବି, କୁଷୁମ ବିବି, ରୁକସନା ବିବି ସମେତ ଶତାଧିକ ମହିଳା ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିଦ୍ୟୁତ ସହକାରୀ ଯନ୍ତ୍ରୀ ଦୁର୍ଗା ପ୍ରସାଦ ମହାନ୍ତି କୁହନ୍ତି, ଏହି ଅଞ୍ଚଳ ସମେତ ବାହାର ଅଞ୍ଚଳରୁ କର୍ମଚାରୀ ଅଣାଯାଇ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ କାର୍ଯ୍ୟ କରାଯାଉଥିବା ବେଳେ ଖୁବଶୀଘ୍ର ସବୁ ଅଞ୍ଚଳକୁ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# ଧ୍ୱସ୍ତବିଧ୍ୱସ୍ତ ବନ ବିଦ୍ୟାଳୟର ସ୍ମୃତି ସନ୍ତକ

ସାକ୍ଷୀଗୋପାଳ,୧୯।୫(ଡି.ଏନ୍.ଏ.)

ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟର ଶେଷ ସ୍ମୃତି ସନ୍ତକ ବାତ୍ୟା ପ୍ରକୋପରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ ବିଦ୍ୟାଳୟର ସ୍ମାରକୀ ଥିବା ବିଦ୍ୟାର୍ଥୀମାନଙ୍କର ଛାତ୍ରାବାସଟି ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ୧୦ ବଖରା ବିଶିଷ୍ଟ ଏହି ପୁରୁଣା ଘରଗୁଡିକର ଚାଳ ଛପରା ଉଡିଯାଇଥିବା ବେଳେ ଗଛପଡି କାନ୍ଥ ଭାଙ୍ଗିଯାଇଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଏହି ପୁରୁଣା ଡାଞ୍ଚାର ଛାତ୍ରାବାସଟି ପରିବର୍ତ୍ତନ କରା ନ ଯାଇ ଯେପରି ସାଧାରଣ ଦର୍ଶକଙ୍କ ନିମନ୍ତେ ସାଇତି ରଖାଯାଇପାରିବ ସେଥିଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଏହାର ରକ୍ଷଣାବେକ୍ଷଣ ନ୍ୟସ୍ତ ରହିଛି। ଆଗକୁ ପୁଣି ବର୍ଷା ଆସୁଛି। ସତ୍ତା ହରାଇବା ପୂର୍ବରୁ ଘରଗୁଡିକ ମରାମତି ଓ ଛପର କରାଯିବା ଜରୁରୀ ହୋଇପଡିଛି। ସୂଚନାଯୋଗ୍ୟ, ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ପରାଧୀନ ଭାରତରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଓ ଅନ୍ୟ ସଖାମାନେ ଗୁରୁକୁଳ ଢାଞ୍ଚାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ। ବକୁଳବନର ଛାୟାପ୍ରଦ ବୃକ୍ଷତଳେ ଛାତ୍ରମାନଙ୍କୁ ନିୟମିତ ପାଠ ପଢ଼ାଯାଉଥିଲା। ଦୂରଦୂରାନ୍ତରୁ ଶିକ୍ଷାଲାଭ ପାଇଁ ଆସୁଥିବା ପିଲାମାନଙ୍କ ସହ ଏହି ପୁରୁଣା ଚାଳ ଛପର ଛାତ୍ରାବାସରେ ଶିକ୍ଷକମାନେ ମଧ୍ୟ ରହୁଥିଲେ।



ବାତ୍ୟାରେ କ୍ଷତିଗ୍ରସ୍ତ ବନବିଦ୍ୟାଳୟର ସ୍ମୃତି ଛାତ୍ରାବାସ।

■ ୩ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ସରିଲା ସାନି ନିର୍ବାଚନ

## ବାଘମୁଣ୍ଡାରେ ସର୍ବାଧିକ, ବୀରକେଶରୀପୁରରେ ସର୍ବନିମ୍ନ

ପୁରୀ ଅଫିସ, ୧୯।୫

ପୁରୀ ଜିଲାର ୩ଟି ବୁଥ୍‌ରେ ରବିବାର ଶାନ୍ତିପୂର୍ଣ୍ଣ ଭାବେ ସାନି ନିର୍ବାଚନ ଶେଷ ହୋଇଛି। ଏହି ବୁଥ୍‌ଗୁଡ଼ିକ ହେଉଛି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୨୨୨ ନଂ. କମାଶାସନ ପ୍ରୋଜେକ୍ଟ ୟୁପି ସ୍କୁଲ, କମାଶାସନ, ୬୨ ନଂ. ଗାଦିବ୍ରହ୍ମ ପ୍ରାଇମେରୀ ସ୍କୁଲ, ବାଘମୁଣ୍ଡା ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭୮ନଂ. ବଳଭଦ୍ରପୁର ନୋଡାଲ ୟୁପି ସ୍କୁଲ, ବୀରକେଶରୀପୁର। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବାଘମୁଣ୍ଡା ୬୨ ନଂ. ବୁଥ୍‌ରେ ସର୍ବାଧିକ ୮୫.୮୭ ପ୍ରତିଶତ ମତଦାନ ହୋଇଥିବା ବେଳେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୀରକେଶରୀପୁର ୭୮ ନଂ. ବୁଥ୍‌ରେ ସର୍ବନିମ୍ନ ୭୨.୮୬ ପ୍ରତିଶତ ମତଦାନ ହୋଇଛି। କମାଶାସନରେ ୭୭.୮୧ ପ୍ରତିଶତ ଭୋଟର ମତଦାନ କରିଛନ୍ତି।

କମାଶାସନ ଏବଂ ବୀରକେଶରୀପୁର ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ହୋଇଥିବା ବେଳେ ବାଘମୁଣ୍ଡା ବୁଥ୍‌ର କଣ୍ଟ୍ରୋଲ ୟୁନିଟ୍ ମିଳିନଥିବାରୁ ସାନି ମତଦାନ ହୋଇଛି। ୬୨ ନଂ. ବୁଥ୍‌ରେ ୮୦୦ ଭୋଟର ଥିବାବେଳେ ୬୮୭ ଜଣ ମତଦାନ କରିଛନ୍ତି। ସେହିପରି ୨୨୨ ବୁଥ୍‌ରେ ୮୧୬ ଜଣଙ୍କ ମଧ୍ୟରୁ ୬୩୫ ଏବଂ ଏବଂ ୭୮ ନଂ. ବୁଥ୍‌ରେ ୧,୩୬୭ ଜଣଙ୍କ ମଧ୍ୟରୁ ୯୯୬ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିଛନ୍ତି। ତେବେ ଏହି ତିନି ନିର୍ବାଚନ ମଣ୍ଡଳୀର ସମୁଦାୟ ମତଦାନ ହାର ୭୬ ପ୍ରତିଶତ ରହିଛି ବୋଲି ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।



ଭୋଟ ଦେବାକୁ ଲୋକେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ବୀରକେଶରପୁରରେ ସାନି ମତଦାନ ଶେଷ

କଣାସ,୧୯।୫(ଡି.ଏନ୍.ଏ.): କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତ ବୀରକେଶରପୁର ଗ୍ରାମ ୭୮ନଂ ବୁଥରେ ରବିବାର ସାନି ମତଦାନ ହୋଇଯାଇଛି। ଏହି ବୁଥରେ ୧୩୬୩ ଭୋଟରଙ୍କ ମଧ୍ୟରୁ ୯୯୬ଜଣ ମତଦାନ କରିଥିଲେ। ମତଦାନ ଠିକ ଚାଲିଥିବା ବେଳେ ବାହାରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ପୁରୀ ଜିଲାକୁ ୨୪ ଲକ୍ଷ ସାନିଟାରୀ ନାପ୍‌କିନ୍

ପୁରୀ ଅଫିସ, ୧୯।୫(ଡି.ଏନ୍.ଏ.)

## ଗାଁ ଗାଁରେ ବାଣ୍ଟିବେ ଆଶା କର୍ମୀ

ବାତ୍ୟାରେ ପୁରୀ ଜିଲାର ବ୍ୟାପକ କ୍ଷୟକ୍ଷତି ହୋଇଛି। ଜଳାଶୟ, ଜଳଉତ୍ସ, ପାନୀୟଜଳ ଦୂଷିତ ହୋଇଥିବାବେଳେ ପଶୁ ସମ୍ପଦ, ଜୀବଜଗତ ପ୍ରଭାବିତ ହୋଇଛନ୍ତି। ବାତ୍ୟା ପରବର୍ତ୍ତୀ ଯେପରି ସଂକ୍ରମଣ ନ ହୁଏ ସେଥିଲାଗି ସରକାର କିଶୋରୀ ଓ ମହିଳାଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୪ ଲକ୍ଷ ସାନିଟାରୀ ନାପକିନ୍ ଯୋଗାଇଦିଆଯାଇଛି। ଏହା ସମସ୍ତ ବ୍ଲକକୁ ପଠାଯାଇଛି। ସ୍ଥାନୀୟ ଆଶାକର୍ମୀମାନେ ଏହିସବୁ ନାପକିନ ଘରକୁ ଘର ବୁଲି ବିତରଣ କରିବେ। ବାତ୍ୟାରେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏଥିସହିତ ଡିଏଚ୍ଏଚ୍ ସେମାନଙ୍କର ସୁରକ୍ଷିତ ପ୍ରସବ କରାଇଛି ବୋଲି ସିଡିଏମ୍ଓ ଡା.ରାମଚନ୍ଦ୍ର ରାଉତ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାତ୍ୟା ପ୍ରଭାବିତ ଅଞ୍ଚଳରେ କିଶୋରୀ, ମହିଳା ତଥା ରୋଗୀଙ୍କ ଚିକିତ୍ସା ଲାଗି ୪୯ ମୋବାଇଲ ୟୁନିଟ୍ ମାଧ୍ୟମରେ ସେବା ପ୍ରଦାନ କରିଛନ୍ତି। ଏହା ସହ ଡିଏଚ୍ଏଚ୍ ମାଗଣା ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇଛି। ପାନୀୟଜଳ ବ୍ୟବସ୍ଥା, ପରିମଳ, ଆଲୋକ ଓ ଔଷଧ ଉପରେ ମଧ୍ୟ ଗୁରୁତ୍ୱ ଦେଇଛି। ବାହାରୁ ୨୦ଜଣ ଅଭିଜ୍ଞ ଡାକ୍ତର ନିୟୋଜିତ ଅଛନ୍ତି। ଡିଏଚ୍ଏଚ୍ ପକ୍ଷରୁ ଏକ ଟିମ୍ ସ୍ୱାସ୍ଥ୍ୟସେବା ତଦାରଖ କରୁଛନ୍ତି। ଆସନ୍ତା ଜୁନ୍ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିନା ମୂଲ୍ୟରେ ଏହି ନାପକିନ୍ ଯୋଗାଇ ଦିଆଯିବ। ସିଡିଏମଓ ରାଉତ କହିଲେ ଯେ, ବାତ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଗାଁ କଲ୍ୟାଣ ସମିତି ଜରିଆରେ ଗାଁ ସଫେଇ, ଜଳ ବିଶୋଧନ ଏବଂ ପର୍ଯ୍ୟାପ୍ତ ମାତ୍ରାରେ ହାଲୋଜେନ ଓ କ୍ଲୋରିନ ବଟିକା ଯୋଗାଇ ଦିଆଯାଇଛି। ମେ ୧୯ ସୁଦ୍ଧା ସାଧାରଣ ଝାଡ଼ା ୧୫୦୬(ଓପିଡି) ଏବଂ ୨୨୪(ଆଇପିଡି)ଚିକିତ୍ସିତ ହୋଇଛନ୍ତି। ଜିଲାରେ ୪୦୫୯ ଜଳ ଉତ୍ସକୁ ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ବିଶୋଧନ କରାଯାଇଛି। ସପ୍ତାହ ପରେ ୩ୟ ରାଉଣ୍ଡ କାର୍ଯ୍ୟ ଆରମ୍ଭ ହେବ। ୨୭୬ ଗାଁ କଲ୍ୟାଣ ସମିତି ଗାଁ ପରିମଳରେ ଲାଗିଛନ୍ତି। ସେଥିରୁ ରେବଣା ନୂଆଗାଁ ଓ ଡେଲାଙ୍ଗରେ ୧୪୮ କାର୍ଯ୍ୟ କରୁଛନ୍ତି। ଜିଲାରେ ୧୦୫୦୭୧୯ ଓଆର୍ଏସ୍ ବଣ୍ଟନ କରାଯାଇଛି। ୫ଲକ୍ଷ କ୍ଲୋରିନ୍ ବଟିକା ବଣ୍ଟନ କରାଯାଇଛି। ସମସ୍ତ ଆବଶ୍ୟକ ଡ୍ରଗସ୍ ଓ ଡିଏଚ୍ଏଚ୍ ସମେତ ବାତ୍ୟା ପ୍ରଭାବିତ ଚିକିତ୍ସାଳୟରେ ଗର୍ଭବତୀ ମହିଳା, ଶିଶୁଙ୍କ ଯତ୍ନ, ରୋଗୀସେବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଏଡିଏମଓ(ମେଡିକାଲ) ବ୍ରଜବନ୍ଧୁ ଦାଶ କହିଛନ୍ତି।